## ଉଦ୍ୟାନ ବିଭାଗର ମନମୁଖି କାର୍ଯ୍ୟ

# କୃଷକଙ୍କ ବିନା ହେଲା ଉଦ୍ୟାନ କୃଷି କର୍ମଶାଳା

ରାଇବଣିଆ,୧୮।୨(ସମିସ)



ସରକାର ଉଦ୍ୟାନ କୃଷିକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଏଥି ନିମନ୍ତେ ପ୍ରଚାରପ୍ରସାର, ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି, ପ୍ରୋତ୍ସାହନ, ଅନୁଦାନ, ରିଆତି ପ୍ରଦାନ, ମଞ୍ଜି, ପରିବା ଟ୍ରେ, ଜୈବିକ ଖତ ସାର ଓ ବିଭିନ୍ନ କିଷମର ଚାରା ସ୍ୱଳ୍ପ ଦରରେ ଯୋଗାଇ ଦେଉଛନ୍ତି । କିନ୍ତୁ ଜଳେଶ୍ୱର ବ୍ଲକ ସାନ୍ତିଆ ସ୍ଥିତ ଉଦ୍ୟାନ କୃଷି କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖାଯାଇଛି । ମଙ୍ଗଳବାର ମଧ୍ୟାହ୍ନରେ ସଙ୍କୁଚିତ ଉଦ୍ୟାନ କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଉଦ୍ୟାନ କର୍ମଶାଳା, ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଶିବିର ଅତ୍ୟନ୍ତ ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଥିଲା । ଏଥିରେ କେତେକ ନିର୍ବାଚିତ ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ଥିବାବେଳେ, ଦୁର୍ଗନ୍ଧ ଯୋଗୁ ଛୋଟ କାର୍ଯ୍ୟାଳୟ କୋଠରୀରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସ୍ଥାନ ଅଭାବରୁ ବହୁ ଅତିଥି ଅଗଣାରେ ବୁଲୁଥିବା ବେଳେ କୌଣସି କୃଷକ କିମ୍ବା ଲାଭାନ୍ୱିତ ହିତାଧିକାରୀ ଉପସ୍ଥିତ ନଥିଲେ । ବହୁ ଚାଷୀଙ୍କୁ ଆମନ୍ତ୍ରଣ କରି ସେମାନଙ୍କ ସମସ୍ୟା, ଆବଶ୍ୟକତା, ଉପଲବ୍ଧି, ପ୍ରତିକାର, ନୂତନ ସରକାରଙ୍କ ଭାଗିଦାରୀ ଓ ପ୍ରୋତ୍ସାହନ ପ୍ରସଙ୍ଗରେ ଆଲୋଚନା ହେଲା କର୍ମଶାଳ ଆୟୋଜନର ଉଦ୍ଦେଶ୍ୟ ସଫଳ ହେବ ବୋଲି ବିଜେପି ନେତା ବ୍ରଜମୋହନ ପ୍ରଧାନ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ । ପୂର୍ବତନ ସରପଞ୍ଚ ମଧୁସୂଦନ ଦତ୍ତ, ଚନ୍ଦନ କର, କାଳିଚରଣ ଦାସ ପ୍ରମୁଖ ଏଭଳି ଅବ୍ୟବସ୍ଥା ସମ୍ପର୍କରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଆଗାମୀ ଦିନରେ ବିଭାଗୀୟ କର୍ମଶାଳା ଓ ପ୍ରୋତ୍ସାହନ ସମ୍ପର୍କରେ ବ୍ୟାପକ ଅବଗତି, ସଚେତନତା ଓ ଯୋଜନା ଲୋକାଭିମୁଖୀ କରିବାକୁ କହିଥିଲେ । ଏନେଇ ଉଦ୍ୟାନ କୃଷି ଅଧିକାରିଣୀ ସୌମ୍ୟା ରଥଙ୍କୁ ପଚାରିବାରୁ ଏଭଳି ଅବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।

ପ୍ରକାଶ ଥାଉକି, ପ୍ରତିବର୍ଷ ଲୋକଙ୍କ ପାଇଁ ଆସୁଥିବା, ନଡ଼ିଆ, ଗୁଆ, ପଣସ, ଆମ୍ବ, କାଜୁ , ପିଜୁଳି, ପ୍ରଭୃତି ଫଳ ଚାରା ଓ କ୍ୟାରେଟ ବିଭିନ୍ନ ସୁବର୍ଣ୍ଣରେଖା ଅବବାହିକାର ଉର୍ବର ପଟୁ ମାଟିରେ ବ୍ୟାପକ ପରିମାଣରେ ଆଳୁ, ଅଦା, କାଙ୍କଡ଼, ସାରୁ ଚାଷ ପାଇଁ ସରକାର

### କାର୍ଯ୍ୟାଳୟ ପରିସରରେ ଶୁଖି ଜଳି ଗଲାଣି ଚାରା

ଆଧାରକାର୍ଡ ମୂଳେ ଅନିୟମିତ ଭାବେ ବଣ୍ଟନ ହେଉଥିବା ଅଭିଯୋଗ ହେଉଛି । ବହୁ ନଡ଼ିଆ, ପଣସ, ଅମୃତଭଣ୍ଡା ଚାରା ବିତରଣ ନହୋଇ ଖରାରେ ଶୁଖି ଶୁଖି ନଷ୍ଟ ହେଉଛି । ଜଳେଶ୍ୱର ଉଦ୍ୟାନ କୃଷି କାର୍ଯ୍ୟାଳୟ ସନ୍ନିକଟରେ ମଳ ଉପଚାର କେନ୍ଦ୍ର ଥିବାରୁ ଦୁର୍ଗନ୍ଧରେ ଅଧିକ ସମୟ ଅଫିସରେ କର୍ମଚାରୀ ଅନୁପସ୍ଥିତ ରହୁଛନ୍ତି । ଏପରିକି ବିଭିନ୍ନ ସମସ୍ୟା ପ୍ରସଙ୍ଗ ଉଠାଇଲେ ସ୍ଥାୟୀ ଅଧିକାରୀ ନଥିବା, କ୍ଷେତ୍ର ପରିଦର୍ଶନ ନେଇ ସଫେଇ ଦିଆଯାଉଛି । ଅଫିସ୍ କାର୍ଯ୍ୟାଳୟ ଭାଙ୍ଗିରୁଜି ଜରାଜୀର୍ଣ୍ଣ ହୋଇଥିବା ବେଳେ ନିର୍ଜନ ସ୍ଥାନକୁ କେବେ କେବେ ଲୋକ ଯାଇଥାନ୍ତି । ଆଗ୍ରହୀ ଚାଷୀଙ୍କୁ ଚାରା ସହ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦେଇଥାନ୍ତି । କିନ୍ତୁ ବିଭାଗୀୟ ସ୍ଥାଣୁତା ସକାଶେ ଏହି ସବୁ ଅର୍ଥକାରୀ ଫସଲ ଚାଷରେ ସଫଳ ରୂପାୟନ ହୋଇପାରୁନାହିଁ । ଅଞ୍ଚଳରେ ବ୍ୟାପକ ଧାନଚାଷ ହେଉଥିବାବେଳେ ସଚେତନତା ଓ ଉଦାସୀନତା ଅଭାବରୁ ଅର୍ଥକାରୀ ଫସଲ ସମ୍ବନ୍ଧରେ ଲୋକେ ଅବଗତ ହୋଇପାରୁ ନାହାଁନ୍ତି । ଏମିତିକି ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଆବେଦନ ସମ୍ପର୍କିତ କାର୍ଯ୍ୟ ତ୍ୱରାନ୍ୱିତ ହେଉନାହିଁ । ଯାହା ଫଳରେ ଗାଁ ବାଡି ବଗିଚାରେ କୃଷି କରିବା ସହିତ ଉଦ୍ୟାନ କୃଷି ପ୍ରତି ଲୋକେ ଆଗ୍ରହ ପ୍ରକାଶ କରୁନାହାଁନ୍ତି ।

## ଝଡ଼ବର୍ଷା; ଘର ଉପରେ ପଡ଼ିଲା ବିଦ୍ୟୁତ୍ ଖୁଣ୍ଟ



ବାଲେଶ୍ୱର,୧୮।୨(ସମିସ): ବାଲେଶ୍ୱରରେ ମଙ୍ଗଳବାର ସନ୍ଧ୍ୟାରେ ଘଡ଼ଘଡ଼ି ସହ ବର୍ଷାପବନ ହୋଇଛି । ହଠାତ ଜୋରରେ ପବନ ବହିବା ସହିତ ଘଡ଼ଘଡ଼ି ବର୍ଷାହେବା ଫଳରେ ବାଲେଶ୍ୱର ପୌରପାଳିକାର ୪ନମ୍ବର ୱାର୍ଡ ଅନ୍ତର୍ଗତ ଦିୱାନସାହି ଅଞ୍ଚଳର ବାସିନ୍ଦା ଶେଖ ସୁଫିଆନଙ୍କ ଘର ଉପରେ ବିଦ୍ୟୁତ ଖୁଣ୍ଟ ପଡି ବ୍ୟାପକ କ୍ଷୟକ୍ଷତି ହୋଇଛି । ବର୍ଷା ଛାଡିବା ପରେ ମଧ ସମ୍ପୃକ୍ତ ଅଞ୍ଚଳ ଅନ୍ଧକାରାଚ୍ଛନ୍ନ ରହିଛି । ମଙ୍ଗଳବାର ରାତି ୮ଟାରେ ହଠାତ ଜୋରରେ ପବନ ବହିବା ସହିତ ଘଡଘଡି ମାରି ବର୍ଷା ହୋଇଥିଲା । ଏଥିରେ ସୁଫିୟାନଙ୍କ ଘର ନିକଟରେ ଥିବା ବିଦ୍ୟୁତ ଖୁଣ୍ଟଟି ଭାଙ୍ଗି ଘରକୁ ମାଡ଼ି ବସିଥିଲା । ସ୍ଥାନୀୟ ଲୋକମାନେ ବିଦ୍ୟୁତ କାର୍ଯ୍ୟାଳୟକୁ ଫୋନ୍ କରି ଜଣାଇବା ପରେ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଥିଲା । ବିଳମ୍ବିତ ରାତି ଯାଏ ଅଞ୍ଚଳ ଅନ୍ଧକାରଛନ୍ନ ରହିଥିବାବେଳେ ଅନ୍ୟ କେଉଁଠି କ'ଣ କ୍ଷତି ହୋଇଛି ଜଣାପଡିନାହିଁ ।

## ବାଲେଶ୍ୱର ଗଣଧାରଣାକୁ ଭୋଗରାଇ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସମର୍ଥନ



ଭୋଗରାଇ,୧୮।୨(ସମିସ): ଭୋଗରାଇ ବ୍ଲକ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୋଗରାଇ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଭାପତି ଡାକ୍ତର ଶ୍ରୀଶ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ । କମିଟିର ସମ୍ପାଦକ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ୨୦ ଫେବୃଆରୀ ବାଲେଶ୍ୱର ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ବିଶାଳ ଗଣଧାରଣା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା । ବାଲେଶ୍ୱର ଜିଲ୍ଲାର ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକୁ ନେଇ ଏହି ବିଶାଳ ଗଣଧାରଣା ଅନୁଷ୍ଠିତ ହେବାକୁ ଯାଉଛି । ଫକୀରମୋହନ ମେଡିକାଲ କଲେଜ ସଂଲଗ୍ନ ହସ୍ପିଟାଲରେ ସବୁ ବିଭାଗର ପରୀକ୍ଷା ନୀରିକ୍ଷା ବ୍ୟବସ୍ଥିତ କରିବା, ନର୍ସିଂ ଓ ଫାର୍ମାସିଷ୍ଟ କଲେଜ୍ ପ୍ରତିଷ୍ଠାକରିବା, ହୃଦ୍, ସ୍ନାୟୁ, ମୂତ୍ରାଶୟ ଓ ପେଟ ରୋଗର ବିଭାଗ ଖୋଲିବ, ବରିଷ୍ଠ ନାଗରୀଙ୍କ ପାଇଁ ସ୍ୱତନ୍ତ୍ର ଟିକଟ କାଉଣ୍ଟର ପ୍ରଚଳନ ଆଦି ୧୧ ଦଫା ଦାବି ନେଇ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଗଣ ଧାରଣାକୁ ସଫଳ କରିବାକୁ ଭୋଗରାଇବାସୀଙ୍କୁ ନିବେଦନ କରିଛନ୍ତି ଉକ୍ତ ବୈଠକରେ କମିଟିର କାର୍ଯ୍ୟକାରୀ ସଭାପତି ଭୃଗୁରାମ କର, ଉପସଭାପତି ଅନାଦି ରଞ୍ଜନ ଦାସମହାପାତ୍ର, ସୁନିଲ୍ କର, ଜାମସେଦ ଅଲ୍ଲି ଖାଁ, କୃଷ୍ଣ ମୋହନ ମୁର୍ମୁ, ସୁଦର୍ଶନ ଜେନା ପ୍ରମୁଖ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଗଠନ ଦାବି ଜୋର୍ ଧରିଲା



ନୀଳଗିରି,୧୮।୨(ସମିସ): ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଗଠନ ଓ ଘୋଷଣା ପାଇଁ ବାରମ୍ବାର ଦାବି ହେଉଥିବା ବେଳେ ମଙ୍ଗଳବାର ଅପରାହ୍ନରେ ନୀଳଗିରି ଡାକବଙ୍ଗଳା ପରିସରରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ଶ୍ରମିକନେତା ସୁରେଶ ଚନ୍ଦ୍ର ବେହେରା, ଆଇନଜୀବୀ କିଶୋର ଦାସ, ଦେବାନନ୍ଦ ଦାସ, ନିହାର ପରିଡା, ସମାଜସେବୀ ଅନାଦି ବେହେରା, ପରମାନନ୍ଦ ପାତ୍ର, ରେଖା ହେମ୍ବ୍ରମ, ଅବସରପ୍ରାପ୍ତ ବନଅଧିକାରୀ ଗିରିଧାରୀ ବେହେରା, ରାଜସ୍ୱ ସୁପରଭାଇଜର ପ୍ରମୁଖ ଉପସ୍ଥିତ ରହି ଭାରତବର୍ଷର ପ୍ରଥମ ଗଡ଼ଜାତ ରାଜ୍ୟ ନୀଳଗିରି ସ୍ୱାଧୀନଭାରତରେ ସମ୍ମିଶ୍ରଣ ପରେ ନୀଳଗିରିକୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ ପାଇଁ ଆଇନ ରହିଥିବା ବେଳେ ନୀଳଗିରିକୁ ଜିଲ୍ଲା ମାନ୍ୟତା ଆମର ନ୍ୟାଯ୍ୟ ଅଧିକାର ବୋଲି ମତ ରଖିଥିଲେ । ଏନେଇ ବାରମ୍ବାର ଦାବି ହୋଇଥିଲେ ମଧ ସରକାର କୌଣସି ପଦକ୍ଷେପ ନନେବା ନୀଳଗିରିବାସୀଙ୍କ ପାଇଁ ଉପହାସ ସଦୃଶ । ତେଣୁ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବାକୁ ନୀଳଗିରିବାସୀଙ୍କୁ ଆହ୍ୱାନ ଦେବା ସହିତ ଖୁବଶୀଘ୍ର ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥହୋଇ ପକ୍ଷ ରଖିବାକୁ କାର୍ଯ୍ୟକାରୀକମିଟି ତରଫରୁ ସୂଚନା ଦିଆଯାଇଛି । ଏଥିସହିତ ଆଗାମୀ ମାର୍ଚ୍ଚ ୨୧ତାରିଖ ସାଧାରଣ ପରିଷଦ ବୈଠକ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିବା ସୂଚନା ମିଳିଛି ।

## ଶିମିଳିପାଳ କୋର୍ ଅଞ୍ଚଳରେ ଅଫିମ ଚାଷ

କପ୍ତିପଦା,୧୮।୨(ସମିସ): ଶିମିଳିପାଳର କୋର ଅଞ୍ଚଳରେ ବେଆଇଭାବେ ଅଫିମ ଚାଷ ହୋଇଥିବା ଦେଖାଯାଇଛି । ଏହାକୁ ପ୍ରତିହତ କରିବା ପାଇଁ ଖୋଦ କପ୍ତିପଦା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ରଥ ଅଣ୍ଟା ଭିଡ଼ିଛନ୍ତି । ମଙ୍ଗଳବାର ୱାଇଲଡ ଲାଇଫ ରେଞ୍ଜ ଅଧୀନ ପୋଡ଼ାଡିହା ହୁଡ଼ିସାହି ଅଞ୍ଚଳର ରିଜର୍ଭ ଲ୍ୟାଣ୍ଡ ଏ ୦.୨୭ ଡେସିମିଲ ଜାଗାରେ ଅଫିମ ଗଛ ଚାଷ କରାଯାଇ ଖବର ପାଇ ଶ୍ରୀ ରଥ, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଅବକାରୀ ଇନିସ୍ପେକ୍ଟର, ଆରଆଇ, ରେଞ୍ଜ ଅଧିକାରୀ ସଦଳବଳ ପହଞ୍ଚି ସମସ୍ତ ଅଫିମ ଗଛକୁ ଜବତ କରିଥିଲେ । ତେବେ ଉକ୍ତ ଜମି ଉପରେ ଚାଷ ହୋଇଥିବା ୯୪୫୦ ଅଫିମ ଗଛକୁ ଜବତ କରାଯାଇଛି; ଯାହାର ମୂଲ୍ୟ ୧୮ ଲକ୍ଷରୁ ଅଧିକ ହେବ । ଏ ନେଇ କପ୍ତିପଦା ଥାନାରେ ଏକ ମାମଲାର ରୁଜୁ ହୋଇଛି ।



## ବିଦ୍ୟାଳୟର ବାର୍ଷିକୋତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଚନ୍ଦନେଶ୍ୱର,୧୮।୨(ସମିସ): ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ଅଧୀନ କାନ୍ଥଭଉଁରୀ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସମାଜସେବୀ ଶ୍ରୀହରି ଜେନା ଉଦ୍‌ଘାଟନ କରିଥିଲେ । ଏନେଇ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଘୋଷ ବାର୍ଷିକ ବିବରଣୀ ପାଠ ଓ ମଞ୍ଚ ସଂଚାଳନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଧନଞ୍ଜୟ ପାତ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସୁବାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ପାତ୍ର, ପୂର୍ବତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ତଥା ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମାଝୀ, ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣେନ୍ଦୁ କୁମାର ଜେନା, କାନ୍ଥଭଉଁରୀ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ସରିତା କର, ଅନାଦି ଏକାଡେମୀର ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପାତ୍ର, କାନ୍ଥଭଉଁରୀ ସରପଞ୍ଚ କିରଣବାଳା ଜେନା, ବିଦ୍ୟାଳୟ ପ୍ରତିଷ୍ଠାତା ଅନାଦି ଚରଣ ସାମଲ, ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ପାତ୍ର ଯୋଗ ଦେଇ ବକ୍ତବ୍ୟରେ ପିଲାମାନଙ୍କୁ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ କ୍ରିଷ୍ଣାକାବେରୀ ଦାସ ମଞ୍ଚ ଆବାହନ ଓ ପ୍ରତିମା ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଗୌରୀ ମଣି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନାଦି ଏକାଡେମୀର ସମସ୍ତ ଶିକ୍ଷକ ଓ ଉଭୟ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସଦସ୍ୟା ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଛୋଟ ନାଟକ "ଉତ୍ତମ ଛାତ୍ର'ପରିବେଷଣ କରିଥିଲେ ଛାତ୍ରଛାତ୍ରୀ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣେନ୍ଦୁ କୁମାର ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ।



## କିଶୋରୀ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଚେତନତା ଶିବିର

ପିଙ୍ଗୁ,୧୮।୨(ସମିସ): କପ୍ତିପଦା ବ୍ଲକର ଶରତ ଅଙ୍ଗନବାଡି କେନ୍ଦ୍ରରେ ପଞ୍ଚାୟତର ୧୯ଟି ଗ୍ରାମର କିଶୋରୀଙ୍କୁ ନେଇ ଏକ ଦିବସୀୟ ସ୍ୱାସ୍ଥ୍ୟ ଓ ସ୍ୱଛତା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା.ଶ୍ୟାମସୁନ୍ଦର ହେମ୍ବ୍ରମ କିଶୋରୀଙ୍କ ଖାଦ୍ୟ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ ତଥା ରକ୍ତହୀନତା, ଯୌନ ସଂକ୍ରମଣ ରୋଗ, ଅଳ୍ପ ବୟସରେ ବିବାହଜନିତ ସମସ୍ୟାର ପ୍ରତିକାର ନିମନ୍ତେ ସରକାରଙ୍କ ଉପଲବ୍ଧ ଚିକିତ୍ସା ଓ ପରାମର୍ଶ ଉପରେ ବୁଝାଇଥିଲେ । ଏଥିରେ ୩୨ରୁ ଅଧିକ କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଅନ୍ୱେଷଣର ସହସଂପାଦକଙ୍କ ତତ୍ତ୍ୱାବଧାନରେ ୧୩୦ରୁ ଊର୍ଦ୍ଧ୍ୱ କିଶୋରୀଙ୍କୁ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା କିଟ୍ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ଆଗାମୀ ଦିନରେ ନୋଟ, ସରଡ଼ିହା, କଳମଗଡ଼ିଆ, ରାମଚନ୍ଦ୍ରପୁର, ରାଣୀ ପୋଖରୀ ଓ ଶାଳଚୁଆ ପଂଚାୟତରେ କରାଯିବ ।

## କଳିକଳୁଷ ନାଶିନୀ ଧର୍ମସଭା ଉଦ୍‌ଯାପିତ



ଭୋଗରାଇ,୧୮।୨(ସମିସ): ଭୋଗରାଇ ବ୍ଲକ ବାରବାଟିଆ ପଞ୍ଚାୟତ ନୂତନଗ୍ରାମ ବାରବାଟିଆରେ କଳିକଳୁଷ ନାଶିନୀ ଧର୍ମସଭା ରବିବାର ଉଦ୍‌ଯାପିତ ହୋଇଯାଇଛି । ୧୦୦ ବର୍ଷରେ ପଦାର୍ପଣ କରିଥିବା ଏହି ଧର୍ମସଭାରେ ୧୩ ଦିନ ବ୍ୟାପୀ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ, ସଚେତନତା ସଭା, ପ୍ରତିଭା ଅନ୍ୱେଷଣ ଓ ସମ୍ବର୍ଦ୍ଧନା, ପୂଜ୍ୟପୂଜାର ଆସର, ହରିନାମ ସଂକୀର୍ତ୍ତନ, ଅନ୍ନ ମହୋତ୍ସବ, ବ୍ରାହ୍ମଣ ଓ ବୈଷ୍ଣବ ସେବା, ରକ୍ତଦାନ ଶିବିର ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । କମିଟିର ସଭାପତି କୃପାସିନ୍ଧୁ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାମ୍ବାଦିକ ସତ୍ୟଶିବ ଦାସ, ମୁଖ୍ୟବକ୍ତା ଭୁବନେଶ୍ୱର ଏମ୍‌ସ କର୍କଟ ରୋଗର ବିଶେଷଜ୍ଞ ପ୍ରଫେସର ସରୋଜ ଦାସ ମଜୁମଦାର, ସମ୍ମାନିତ ଅତିଥି ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିବେଦିତା ମହାନ୍ତି, ଭରଷା ସଙ୍ଗଠନର ସଭାପତି ଯାଦବେଶ ମିଶ୍ର, ସରପଞ୍ଚ ବାସୁଦେବ ମହାନ୍ତି, ଅବସରପ୍ରାପ୍ତ ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକ ରଞ୍ଜିତ କୁମାର ଦାସ ପ୍ରମୁଖ ଯୋଗ ଦେଇ କଳିକଳୁଷ ନାଶିନୀ ଧର୍ମସଭାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଶାସନିକ ଅଧିକାରୀ ବ୍ରଜଗୋପାଳ ଦାସ, ସମାଜସେବୀ ଜୀବନ ମିଶ୍ର, ହ୍ରିତିକ ନାୟକ, ସାମ୍ବାଦିକ ସକାଳ ଦିଲ୍ଲୀପ କୁମାର ଦାସ, ବିଶ୍ୱଜିତ ମହାନ୍ତି, ପ୍ରଦୀପ ଦାସଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟିର ସଦସ୍ୟ ନିମାଇଁ ମହାପାତ୍ର ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ପରେ କୁନିକୁନି ପିଲାମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । ଉତ୍ସବ କମିଟିର ଉପସଭାପତି ପରେଶ ଚନ୍ଦ୍ର ପାତ୍ର, ସମ୍ପାଦକ ଭୁପେଶ ଚନ୍ଦ୍ର ପାତ୍ର, ସମୀକ୍ଷକ ଜଗନ୍ନାଥ ଦତ୍ତ, ଇଂ ସୁନୀଲ କୁମାର କର, କମିଟିର ଅଧ୍ୟକ୍ଷ ସତ୍ୟନାରାୟଣ ପାତ୍ର, ଧୀରେନ୍ଦ୍ର ମହାନ୍ତି, ସୁବାସ ଚନ୍ଦ୍ର ଦେ, ସୁବାସ ଚନ୍ଦ୍ର ମହାପାତ୍ର, ସୁଶାନ୍ତ ଦାସ, ତାପସ କୁମାର ମହାନ୍ତି,ଅନୁପ କୁମାର ଦାସ, ମନୋଜ ଦତ୍ତ, ମନୋଜ ଦତ୍ତ (କ), ଗୁଣାଧର ଦେ, ସୁକୁମାର ଦାସ, ରାମଚନ୍ଦ୍ର ଦାସ, ଦିଲ୍ଲୀପ ଦାସ, ସନ୍ତୋଷ ଦାସ, ସୀତାରାମ ପାତ୍ର, ଶ୍ୟାମପଦ ଦାସ, ରବୀନ୍ଦ୍ର କାମିଳା ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ ।

# ରାସ୍ତାକାମ ନିମ୍ନମାନର; ଭିଜିଲାନ୍ସ ତଦନ୍ତ ଦାବି

### ନିଦାବିଷ୍ଟ ସାଜିଛନ୍ତି ବିଭାଗୀୟ ଅଧିକାରୀ

ଲଙ୍ଗଳେଶ୍ୱର,୧୮।୨(ସମିସ)



ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ ନିଦାବିଷ୍ଟ ସାଜିଛନ୍ତି ଅଧିକାରୀ । ରାସ୍ତା ନିର୍ମାଣରେ ବ୍ୟବହୃତ ହେଉଛି ସମୁଦ୍ରର ଲୁଣିବାଲି, ପଙ୍କୁଆ ମାଟି ସହିତ ନିମ୍ନମାନର ଗୋଡି ଓ ମେଟାଲ । ରାସ୍ତାର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡାଠାରୁ କୁଣ୍ଡଳୀ ପର୍ଯ୍ୟନ୍ତ କୋଷ୍ଟ କେନାଲ ପାଶ୍ୱର୍ରେ ପୂର୍ତ୍ତବିଭାଗ ପକ୍ଷରୁ ନିର୍ମାଣଧୀନ ଦୀର୍ଘ ୧୭ କିଲୋମିଟର ରାସ୍ତା ନିମ୍ନମାନର ହେଉଥିବାରୁ ଉତ୍ତେଜନା ପ୍ରକାଶ ପାଇଛି । ପୂର୍ତ୍ତବିଭାଗ ଅଧୀନରେ ରାସ୍ତା ନିର୍ମାଣ ହେଉଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଖାମଖିଆଲ ମନୋଭାବ ଯୋଗୁ ରାସ୍ତା କେତେଦିନ ଯିବ କହିହେଉନାହିଁ । ଅଞ୍ଚଳବାସୀ ଓ ସ୍ଥାନୀୟ ଅଞ୍ଚଳର ଲକ୍ଷାଧିକ ଜନ ସାଧାରଣଙ୍କ ଗମନାଗମନର ସୁବିଧା ନିମନ୍ତେ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେଉଥିବା ବେଳେ ରାସ୍ତାକୁ ନେଇ ଆଶା ଆଶଙ୍କାରେ ସ୍ଥାନୀୟ ଲୋକେ । ଏଥିସହିତ ରାସ୍ତା ପାଶ୍ୱର୍ରେ ମାଟି ଭର୍ତ୍ତି କରିବାର ନିୟମ ରହିଥିବା ବେଳେ ପାଶ୍ୱର୍ବର୍ତ୍ତୀ କୋଷ୍ଟ କେନାଲରୁ ପଙ୍କ ଉତ୍ତୋଳନ କରି ରାସ୍ତା କାମରେ ବ୍ୟବହୃତ କରୁଛନ୍ତି ଜନୈକ ଠିକାଦାର । ଯାହାକୁ ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ ତଦନ୍ତ କରିବା ପରିବର୍ତ୍ତେ ନିଦାବିଷ୍ଟ ପାଲଟିଛନ୍ତି ଅଧିକାରୀ । ଏହାକୁ ବିରୋଧ କରିବା ସହିତ ଭିଜିଲାନ୍ସ ଓ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଥିବାବେଳେ ତଦନ୍ତ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଅପରାଧୀଙ୍କ ଚରାଭୂଇଁ ପାଲଟିଛି ଝାରପୋଖରିଆ ଅଞ୍ଚଳ

ସାରସକଣା,୧୮।୨ (ସମିସ):

ସାରସକଣା ବ୍ଲକ ଝାରପୋଖରିଆ ଥାନା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧିକୁ ବିଜେଡିର ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ତୀବ୍ର ନିନ୍ଦା କରିବା ସହିତ ଆଇନଶୃଙ୍ଖଳା ସ୍ଥିତି ସୁଧାରିବାକୁ ଚେତାବନୀ ଦେଇଛନ୍ତି । ବମ୍ବେଇଛକ ସୀମାନ୍ତ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଶ୍ରୀ ମହାନ୍ତି ଯୋଗଦେଇ ସଚେତନ ହେବା ପାଇଁ ଯୁବକ ଯୁବତୀଙ୍କୁ ଆହ୍ୱାନ ଦେଇଥିଲେ ।

ସମେସ୍ତ ଏକହୋଇ ଗୋଚାଲାଣ, ବାଲି ଚୋରାଚାଲାଣ ଓ ବେଆଇନ କାର୍ଯ୍ୟକଳାପ ସବୁ ବନ୍ଦ ପାଇଁ ପାଇଁ ଆହ୍ୱାନ ଦେଇଥିଲେ । ମାଫିଆମାନେ ଦୈନିକ ସଂଧ୍ୟାରୁ ସକାଳ ଯାଏ ଶହଶହ ହାଇୱା ଯୋଗେ ବାଲି ଉଠାଇ ଚୋରାରେ ବାହାରକୁ ଚାଲାଣ କରୁଛନ୍ତି । ଏହିସବୁ କାମକୁ ଜନପ୍ରତିନିଧି, ପୁଲିସ, ଖଣି ବିଭାଗ ଯଦି ଠିକ୍‌ଭାବେ ତଦାରଖ କରିବେ ତାହାହେଲେ ମାଫିଆ ରାଜ୍ ବନ୍ଦ ହେଇଯିବ । ବାଲି ଚାଲାଣରୁ ବଢୁଛି ଅପରାଧ; କିନ୍ତୁ ଦୁର୍ଭାଗ୍ୟର ବିଷୟ ସବୁଜାଣି ନଜାଣିଲା ଭଳି ଚୁପ୍ ହୋଇ ରହିଛି ପ୍ରଶାସନ । ଦୀର୍ଘ ଦିନ ଧରି ସୀମାନ୍ତ ଅଞ୍ଚଳ ଥାନାର ଥାନାଧିକାରୀ ପଦ ଖାଲି ପଡିଥିବାରୁ ଥାନା ମୁରବୀ ଶୂନ୍ୟ ହୋଇପଡିଛି । ଫଳରେ ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି ଝାରପୋଖରିଆ ଅଞ୍ଚଳ । ଏ ନେଇ ସେ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଛନ୍ତି ।



## ଶ୍ରମିକ କଲ୍ୟାଣ ସଚେତନତା ରଥ ଉଦ୍‌ଘାଟିତ



ବାଲେଶ୍ୱର,୧୮।୨(ସମିସ): ବାଲେଶ୍ୱର ଶ୍ରମ କମିଶନର କାର୍ଯ୍ୟାଳୟ ପକ୍ଷରୁ ଶ୍ରମିକ କଲ୍ୟାଣ ଯୋଜନା ସଚେତନତା ରଥ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ସଚେତନତା ରଥ ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ପକ୍ଷରୁ ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ଓ ସୁଯୋଗ ବିଷୟରେ ଲୋକଙ୍କୁ ଅବଗତ କରିବା ସହ ଶିଶୁ ଶ୍ରମିକମୁକ୍ତ କରିବାକୁ ସଚେତନ କରିବ। ଜିଲ୍ଲା ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରୁ ଏହାକୁ ଉଦ୍‌ଘାଟିତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର କୋଣ ଅନୁକୋଣରେ ବୁଲି ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବ। ଯାହାଦ୍ୱାରା ଜିଲ୍ଲାରେ ଥିବା ଶ୍ରମିକମାନେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ସେମାନଙ୍କର ନାମ ପଞ୍ଜିକରଣ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ସୁବିଧା ପାଇପାରିବେ। ରଥ ଶୁଭାରମ୍ଭ ସମୟରେ ଡିଭିଜିନାଲ ଲେବର କମିଶନର ସନ୍ତୋଷ କୁମାର ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନଙ୍କ ସମେତ ସହକାରୀ ଶ୍ରମ ଅଧିକାରୀ ଓ ଶ୍ରମ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଯୁକ୍ତ ୨ ପରୀକ୍ଷା ଆରମ୍ଭ | ମାତୃଭାଷାରେ ୪୨ ଅନୁପସ୍ଥିତ

### ଉତ୍ତର ଓଡ଼ିଶା ଜୋନ୍‌ରେ ୨୦୪ ପିଲା ପରୀକ୍ଷା ଦେବାକୁ ଆସିଲେନି

ବାଲେଶ୍ୱର,୧୮।୨(ସମିସ)

ଆଜିଠୁ ଆରମ୍ଭ ହୋଇଛି ଯୁକ୍ତ ଦୁଇ ପରୀକ୍ଷା। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ୬୮ ଟି ପରୀକ୍ଷା କେନ୍ଦ୍ରରେ ପିଲାମାନେ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ବିଜ୍ଞାନ ବିଭାଗ ପିଲାମାନେ ମାତୃଭାଷା ବିଷୟବସ୍ତୁ ପରୀକ୍ଷା ଦେଇଛନ୍ତି। ବିଜ୍ଞାନରେ ୮ ହଜାର ୨୫୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ସେଥିରୁ ୪୨ ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଉତ୍ତର ଓଡ଼ିଶା ଜୋନ୍‌ରେ ସମୁଦାୟ ୨୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆସିନଥିବା ଜଣାପଡିଛି। ପରୀକ୍ଷା ସକାଳ ୧୦ରୁ ଆରମ୍ଭ ହୋଇ ୧ ଟା ପର୍ଯ୍ୟନ୍ତ ଚାଲିଥିଲା। ପରୀକ୍ଷା ପାଇଁ ଯାଞ୍ଚ ପ୍ରକ୍ରିୟା ମଧ୍ୟ କଡ଼ାକଡ଼ି କରାଯାଇଛି। ୧୯ ତାରିଖ ଦିନ କଳା ଓ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।



ସୂଚନାଯୋଗ୍ୟ, ଉତ୍ତରଓଡ଼ିଶା ଜୋନ୍‌ର ଚାରୋଟି ଜିଲ୍ଲା ବାଲେଶ୍ୱର ସମେତ ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜରେ ସମୁଦାୟ ୭୩ ହଜାର ୨୪୧ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରୀକ୍ଷା ଦେଉଛନ୍ତି। ସେଥିରୁ ମୟୂରଭଞ୍ଜରେ ସର୍ବାଧିକ ୨୪ ହଜାର ୪୪୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ଦ୍ୱିତୀୟରେ ବାଲେଶ୍ୱର ଜିଲ୍ଲାରେ ୨୨ ହଜାର ୩୧୭ ଜଣ ପରୀକ୍ଷା ଦେଉଛନ୍ତି। ସେହିପରି କେନ୍ଦୁଝରରେ ୧୪ ହଜାର ୩୧୦ ଏବଂ ଭଦ୍ରକରେ ୧୨ ହଜାର ୧୭୦ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ତେବେ ବାଲେଶ୍ୱର ଜିଲ୍ଲାରେ ୨୨ ହଜାର ୩୧୭ ମଧ୍ୟରୁ କଳାରେ ୧୨ ହଜାର ୭୬୬, ବାଣିଜ୍ୟରେ ୧୦୨୪, ବିଜ୍ଞାନରେ ୮ ହଜାର ୨୫୫ ଏବଂ ଭୋକେସନାଲ୍‌ରେ ୨୭୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଆଜି ପ୍ରଥମ ଦିନରେ ଉତ୍ତର ଓଡ଼ିଶା ଜୋନ୍ ରେ ୨୦୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତି ରହିଥିଲେ। ଆଜି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧୨୪୯ ପିଲା ପରୀକ୍ଷା ଦେଇଥିବା ସୂଚନା ମିଳିଛି। ବାଲେଶ୍ୱର ଜିଲ୍ଲାର ୧୧ ଟି ହବ୍ ସେଣ୍ଟର ଯଥା ଫକୀରମୋହନ କଲେଜ, କେକେଏସ୍ କଲେଜ ସମେତ ନୀଳଗିରି, ସୋର, ସିମୁଳିଆ, ମାର୍କୋଣା, ଗୋପାଳପୁର, ବାଲିଆପାଳ, ଭୋଗରାଇ, ଜଳେଶ୍ୱର ଏବଂ ଅମର୍ଦ୍ଦାରେ ହବ୍ ସେଣ୍ଟର ହୋଇଛି। କୌଣସି ଜାଗାରେ ମାଲ୍ ପ୍ରାକ୍ଟିସ୍ ହୋଇନାହିଁ। ଶୃଙ୍ଖଳାର ସହ ସବୁଠି ପରୀକ୍ଷା ଆଜି ହୋଇଛି। ପଞ୍ଚସ୍ତରୀୟ ସ୍କ୍ୱାଡ୍ ସବୁଠି ପରିଦର୍ଶନ କରିଛନ୍ତି। ସରକାରୀ ଓ କଲେଜ ପର୍ଯ୍ୟବେକ୍ଷକ, ପରୀକ୍ଷା କେନ୍ଦ୍ର ପରିଦର୍ଶନ ପାଇଁ ସେଣ୍ଟ୍ରାଲ ଓ ଜୋନାଲ ଏବଂ ଜିଲ୍ଲା ସ୍କ୍ୱାର୍ଡ ପ୍ରମୁଖ ଏକତ୍ରିତ ପାଖାପାଖି ସବୁ କଲେଜ ପରିଦର୍ଶନ କରିଛନ୍ତି। ସବୁ ହବ୍ ସେଣ୍ଟରକୁ ପ୍ରଶାସନିକ ସ୍ୱତନ୍ତ୍ର ଅଧିକାରୀଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ବାହାର କରାଯାଇଛି। ଏଥିସହ ସବୁ ହବ୍ ସେଣ୍ଟର ଦାୟିତ୍ୱରେ ବିଡିଓ ଏବଂ ତହସିଲଦାରମାନଙ୍କୁ ନିଯୁକ୍ତ କରାଯାଇଛି। ଯେଉଁମାନେ କି ପରିସ୍ଥିତି ତଦାରଖ କରୁଛନ୍ତି। ପୁଲିସ ତରଫରୁ ମଧ୍ୟ ସବୁଆଡ଼େ ନିରାପତ୍ତା ଯୋଗାଇ ଦିଆଯାଇଛି ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଜୟଦେବ ପରମାଣିକ କହିଛନ୍ତି।

## ସରିଲା ୧୪ତମ ରୂପ୍‌ସା ମହୋତ୍ସବ



ବାଲେଶ୍ୱର,୧୮।୨(ସମିସ): ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅନ୍ତର୍ଗତ ପୋଡ଼ାଡିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ୧୪ତମ ବାର୍ଷିକ ରୂପସା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ କମିଟି ଉପଦେଷ୍ଟା ପ୍ରଫୁଲ୍ଲ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟ ପଞ୍ଚାୟତ ସଂଘ ସମ୍ପାଦକ ଭଗବାନ ମହାପାତ୍ର, ମୁଖ୍ୟ ବକ୍ତା ପୂର୍ବତନ ପ୍ରଶାସନିକ ଅଧିକାରୀ ଭୀମଚରଣ ମାଝୀ, ସମ୍ମାନିତ ଅତିଥି ପୂର୍ବତନ କୃଷି ବୈଜ୍ଞାନିକ ଅକ୍ଷୟ ମିଶ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ସଚ୍ଚିନ୍ଦ୍ର ବେହେରା ଯୋଗ ଦେଇ ମହୋତ୍ସବ ରାଷ୍ଟ୍ର ବିକାଶର ଗୁରୁତ୍ୱ ବହନ କରିଛି ବୋଲି ବକ୍ତବ୍ୟରେ କହିଥିଲେ। ଷଷ୍ଠ ସନ୍ଧ୍ୟାରେ ମୁଖ୍ୟ ଅତିଥି ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ମହୋତ୍ସବ ଅବସାଦ ଭରା ଜୀବନରେ ପ୍ରେମ ପ୍ରୀତିର ସଞ୍ଚାର ଆଣିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାଜପା ରାଜ୍ୟ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର, ସମ୍ମାନନୀୟ ଅତିଥି ଭାଜପା ନେତା ଶୁଭେଶ ନାୟକ, ଶ୍ରୀଧର ବେହେରା, ଅନ୍ତର୍ଯ୍ୟାମୀ ବେହେରା, କାର୍ତ୍ତିକ ପ୍ରଧାନ, ଚତୁର୍ଭୁଜ ବେହେରା ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ। ମହୋତ୍ସବ କମିଟିର ସଭାପତି ରବୀନ୍ଦ୍ର କୁମାର ପଣ୍ଡା ପୌରାହିତ୍ୟ କରିଥିଲେ। କ୍ଲବ ସମ୍ପାଦକ ଚନ୍ଦନ କୁମାର ଜେନା ବିବରଣୀ ପାଠ କରିଥିଲେ। ୭ଦିନ ବ୍ୟାପୀ ମହୋତ୍ସବ ପଡ଼ିଆରେ ପ୍ରଦର୍ଶିତ ଜଗନ୍ନାଥଙ୍କ ୩୨ବେଶ ସମସ୍ତଙ୍କ ମନମୋହିଥିଲା। ମହୋତ୍ସବ କମିଟି ଉପଦେଷ୍ଟା ଜଗଦୀଶ ପଟ୍ଟନାୟକ, ଭିକାରୀ ଚରଣ ମିସ୍ତ୍ରୀ, ବିନୟ ବେହେରା, ଡାକ୍ତର ମହାପାତ୍ର ଚିତ୍ତରଞ୍ଜନ ଦଳାଇ, ଷ୍ଟାର କ୍ଲବ ସଭାପତି ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ଦୀପକ କୁମାର ସାମଲ, ଲମ୍ବୋଦର ଜେନା, ବିଜେଶ ପରିଡ଼ା, ମୋହନ ବର, ଅରବିନ୍ଦ ବେହେରା, ହେମନ୍ତ ସେନାପତିଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ଉତ୍ସବ ପରିଚାଳନା କରିଥିଲେ।

## ସାଆନ୍ତାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ପ୍ରତିଷ୍ଠା

ବାଲେଶ୍ୱର,୧୮।୨(ସମିସ): ଶେରଗଡ ସ୍ଥିତ ସାଆନ୍ତାରେ ଶ୍ରୀ ବଳଭଦ୍ର, ମା ସୁଭଦ୍ରା, ଶ୍ରୀ ଜଗନ୍ନାଥ ଓ ଶ୍ରୀ ସୁଦର୍ଶନ ମହାପ୍ରଭୁଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇ ଉଦଯାପିତ ହୋଇଯାଇଛି। ୧୦୮ ମହିଳା ସୁସଜ୍ଜିତ ହୋଇ ୧୦୮ କଳସ ଶୋଭାଯାତ୍ରା କରିଥିଲେ। ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା।

୪ଦିନ ବ୍ୟାପି ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏପରିକି ପ୍ରତ୍ୟେକ ଦିନ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମ ଗ୍ରାମର ସମସ୍ତ ଗ୍ରାମବାସୀ ଓ ବଦାନ୍ୟ ବକ୍ତିଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## ପ୍ରଭା କୁମୁଦିନୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ବାଲେଶ୍ୱର,୧୮।୨(ସମିସ): ପ୍ରଭା କୁମୁଦିନୀ ସାହିତ୍ୟ ସଂସଦର ଚତୁର୍ଥ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ କବି କଳାକାର ସମ୍ମିଳନୀ ଏବଂ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୁମୁଦିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଡଃ. ନରୋତ୍ତମ ପରିଡ଼ା, ଡଃ. ଭାଗବତ ପ୍ରସାଦ ଦାସ, ଡଃ. ଭରତ ଚନ୍ଦ୍ର ଦାଶ, ବିନୋଦ ବିହାରୀ ପଣ୍ଡା, ଅଞ୍ଜଳି ପଣ୍ଡା, ଡଃ. ରତ୍ନାକର ସିଂହ, ଡଃ. ଶ୍ୟାମସୁନ୍ଦର ପଣ୍ଡା, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବାର୍ଷିକ ପତ୍ରିକା 'ପଲ୍ଲୀ ମହକ ପ୍ରଭା କୁମୁଦିନୀ' ଓ ବ୍ୟଙ୍ଗ କବି ପ୍ରଭାକର ସାହୁଙ୍କ ରଚିତ କବିତା ପୁସ୍ତକ 'ଅଭୁଲା ପ୍ରୀତି' ଉନ୍ମୋଚନ କରିଥିଲେ। ଶ୍ରୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଦିବ୍ୟଲୋଚନ ମହାପାତ୍ର ମଞ୍ଚ ଆହ୍ୱାନ କରିଥିଲେ। ପ୍ରଦୀପ କୁମାର ମିଶ୍ର, ଦୀପ୍ତିମୟୀ ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଆଦ୍ୟାଶା ପ୍ରଧାନ ଓ ପ୍ରୀତିପୁଷ୍ପା ପାତ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ତୃପ୍ତିମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ମଧୁସୂଦନ ମିଶ୍ର ଓ ସନ୍ୟାସୀ ପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ କରାଯାଇଥିଲା। ଏଥିରେ ୫୦ରୁ ଅଧିକ କବି କବିତା ପାଠ କରିଥିଲେ। ତନ୍ମୟ କୁମାର ସାହୁ, ମଧୁସ୍ମିତା ସାହୁ, ପଞ୍ଚାନନ ଜେନା ସହଯୋଗ କରିଥିଲେ। ଅବସରପ୍ରାପ୍ତ କୃଷି ଅଧିକାରୀ ଦିବାକର ରାଉତ(୯୬)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କୋଟସାହି ପଞ୍ଚାୟତ ଅଫିସରୁ ଚୋରି

## ତାଲାଭାଙ୍ଗି ନେଇଗଲେ ଏଲ୍‌ଇଡି ଟିଭି



ଜଳେଶ୍ୱର,୧୮।୨(ସମିସ): ଜଳେଶ୍ୱର ବ୍ଲକ ଅଧୀନ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଦିନକୁ ଦିନ ଚୋରି ବଢ଼ି ଚାଲିଥିବା ବେଳେ ପୁଲିସ ଗୋଟିଏ ହେଲେ ଘଟଣାର ପର୍ଦ୍ଦାଫାସ କରିପାରୁନାହିଁ। ଗତକାଲି ବିଳମ୍ବିତ ରାତିରେ କୋଟସାହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ଦୁର୍ବୃତ୍ତ ୫୦ ଇଞ୍ଚର ଏଲ୍‌ଇଡି ଟିଭି ଓ ଅନ୍ୟାନ୍ୟ ଜିନିଷ ପତ୍ର ଚୋରି କରିନେଇଛନ୍ତି। ମଙ୍ଗଳବାର ସକାଳ ୯ଟାରେ ପଞ୍ଚାୟତ କାର୍ଯ୍ୟାଳୟକୁ ସରପଞ୍ଚ ମଞ୍ଜୁବାଳା ପ୍ରଧାନ ଆସି ଦେଖନ୍ତି କାର୍ଯ୍ୟାଳୟର ତାଲା ଭଙ୍ଗା ଯାଇଛି। ଅଫିସ ଭିତରକୁ ଯାଇ ଦେଖନ୍ତି କାନ୍ଥରେ ଟଙ୍ଗା ଯାଇଥିବା ୫୦ ଇଞ୍ଚର ପାନାସୋନିକ୍

- ଥାନାରେ ଏତଲା ଦେଲେ ସରପଞ୍ଚ
- ୫ ପଞ୍ଚାୟତରୁ ଚୋରି ପରେ ବି ପୁଲିସ ହାତ ଖାଲି

ଏଲ୍‌ଇଡି ଟିଭି, ରିମୋର୍ଟ ସହ ଟିଭିର ସମସ୍ତ ସାମଗ୍ରୀ ଚୋରି ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କାରୁ ଅଧିକ ହେବ। ଏହା ପରେ ସରପଞ୍ଚ ଶ୍ରୀମତୀ ପ୍ରଧାନ ଜଳେଶ୍ୱର ବିଡିଓ, ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଏଡିଇଓଙ୍କୁ ଫୋନ୍ ଯୋଗେ ଜଣାଇବା ପରେ ଚୋରି ବାବଦରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିଛିଦିନ ମଧ୍ୟରେ କଳମା, ଶ୍ରୀରାମପୁର, କେ.ଏମ.ସାହି, ଆରୁହା ଗ୍ରାମ ପଞ୍ଚାୟତ ଗୁଡ଼ିକରୁ ଏଭଳି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ଚୋରଙ୍କ ଟେର୍ ପାଉନାହିଁ।

## ଜାତୀୟ ସମ୍ମିଳନୀ 'ଭାରତୀୟ ଜ୍ଞାନ ପ୍ରଣାଳୀର ନୂତନ ଦିଗନ୍ତ' ଉଦ୍‌ଘାଟିତ




ବାଲେଶ୍ୱର,୧୮।୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗ ଓ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ମିଳିତ ସହଯୋଗରେ "ଭାରତୀୟଜ୍ଞାନ ପ୍ରଣାଳୀର ନୂତନ ଦିଗନ୍ତ' ପ୍ରସଙ୍ଗରେ ତିନିଦିନିଆ ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମ୍ମିଳନୀର ଉଦଘାଟକ ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ।

ସମ୍ମାନୀତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ସ୍ଥିତ ଏକାମ୍ର ମହାବିଦ୍ୟାଳୟ ସଂସ୍କୃତ ବିଭାଗର ପ୍ରଫେସର ଗୋପାଳ ପ୍ରସାଦ ମହାପାତ୍ର ଓ ସ୍ୱତନ୍ତ୍ର ଆମନ୍ତ୍ରିତ ଅତିଥି ଭାବେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରଫେସର ଅନୀଲ ପ୍ରତାପ ଗିରି ଯୋଗଦେଇ ଭାରତର ପରିବର୍ତ୍ତନଶୀଳ ଜ୍ଞାନ ଆହରଣ ପରମ୍ପରା ତଥା ପ୍ରଣାଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥା ମୁଖ୍ୟତଃ ଜ୍ଞାନ, ବିଜ୍ଞାନ ଓ ଆଜ୍ଞାନ ଉପରେ ଆଧାରିତ ଓ ବେଦ ସମସ୍ତ ଜ୍ଞାନର ଆଧାର ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିସହ ନୂତନ ଶିକ୍ଷା ନୀତିରେ ଭାରତୀୟ ଶିକ୍ଷା ପଦ୍ଧତି ସକ୍ରିୟ ରଖିବାକୁ ପ୍ରୟାସ କରାଯିବାର ଆଶାପୋଷଣ କରିଥିଲେ। ସାମୂହିକ ଶିକ୍ଷା ବ୍ୟବସ୍ଥାରେ ଗବେଷଣା ଓ ପରୀକ୍ଷଣକୁ ପ୍ରାଧାନ୍ୟ ଦେଇ ରାଷ୍ଟ୍ରକୁ ଆଗକୁ ବଢାଇବାକୁ କୁଳପତି ପ୍ରଫେସର ତ୍ରିପାଠୀ ଆହ୍ୱାନ ଦେଇଥିଲେ। ସମ୍ମିଳନୀର ସ୍ୱାଗତ ଭାଷଣ ସହ ଆଲୋଚ୍ୟ ପ୍ରସଙ୍ଗ ସମ୍ପର୍କରେ ପ୍ରଫେସର ଦେବାଶିଷ ପାତ୍ର ଅବଗତ କରିଥିଲେ ଓ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ସନ୍ତୋଷ କୁମାର ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ଼କ୍ଟର ରାଜଶ୍ରୀ ଦତ୍ତ ପରିଚାଳନା କରିଥିଲେ। ଶେଷରେ ସଂସ୍କୃତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼କ୍ଟର ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୁମ୍ଭ କ୍ଷେତ୍ରରେ ଚିତ୍ରକଳା ଓ ଟେରାକୋଟା କର୍ମଶାଳା

ବାଲେଶ୍ୱର,୧୮।୨(ସମିସ): ବାଲେଶ୍ୱର କୁମ୍ଭ କ୍ଷେତ୍ରଠାରେ ସ୍ଥାନୀୟ ପାରମ୍ପରିକ କୁମ୍ଭାର ଓ କଳାକାର ମାନଙ୍କୁ ଉତ୍ସାହିତ କରିବା ପାଇଁ ୩୦ରୁ ଅଧିକ ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀ ମାନଙ୍କୁ ନେଇ ୟଙ୍ଗ ହାର୍ଟସ ଓ କ୍ୟାମ୍ପ ଏଣ୍ଡ କିୟୋରର ମିଳିତ ସହଯୋଗରେ ଚିତ୍ରକଳା ଓ ଟେରାକୋଟା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁମ୍ଭ କ୍ଷେତ୍ରର ମୁଖ୍ୟ ଶିଳ୍ପୀ କେଶୁ ଦାସ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ବ୍ରଜା ଷଡ଼ଙ୍ଗୀ, ତାପସ ପଣ୍ଡା, ଅରୁଣ କୁମାର ଜେନା, ପ୍ରତାପ ସିଂ, ନିତ୍ୟାନନ୍ଦ ସାହୁ, ବିଶ୍ୱଜିତ ପ୍ରମାଣିକ, ନୀଳିମା ପ୍ରଧାନ, ସମିତା ପ୍ରଧାନ, ଦେବାଶିଷ ପତି ପ୍ରମୁଖ ବେଳେ ସ୍ଥାନୀୟ କୁମ୍ଭାର ସଦନ ବେହେରା କୁମ୍ଭାର ଚକ ମାଧ୍ୟମରେ କୁମ୍ଭ ଗଢିଥିଲେ। ଖଲ୍ଲିକୋଟ ଆର୍ଟ କଲେଜ, ବି. କେ. ଆର୍ଟ କଲେଜ, ବାଲେଶ୍ୱର ଆର୍ଟ କଲେଜ, ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ବାଲେଶ୍ୱରରେ କଳା ଶିକ୍ଷା ଆଗ୍ରହୀ ଶିଳ୍ପୀ ରୋଜାଲିନ୍ ପାଢୀ, ବାସୁଦେବ ବେହେରା, ଜୟସ୍ମିତା ମହାଲିକ, କୃଷ୍ଣଦେବ ଗୋସ୍ୱାମୀ, ଅଙ୍କିତ ଦାସ, ପପୁନ ପ୍ରଧାନ, ଭବେଶ କୁମାର ବିଶ୍ୱାଳ, କବିତା ଦତ୍ତ, ଦେବାଶିଷ ସାହୁ, ମୋନାଲି ସେନ୍, ସୁନୀତା ଦାସ, ସୌମ୍ୟାଶ୍ରୀ ଦାସ, ସମୀର ବେହେରା, ନିବେଦ ନିତ୍ୟମ ରାଉତ, ପ୍ରଭୁ ପାଣିଗ୍ରାହୀ, ସୌମ୍ୟ ରଞ୍ଜନ ମହାନ୍ତି ପ୍ରମୁଖ କର୍ମଶାଳାରେ ଅଂଶଗ୍ରହଣ



ଯୋଗଦେଇ ସୁନ୍ଦର ଚିତ୍ରକଳା କରିଥିବା ବେଳେ ଯୁବ ଶିଳ୍ପୀମାନଙ୍କୁ କଳା, କୌଶଳ ବିଷୟରେ ଆଲୋକପାତ କରିଥିଲେ। ୟଙ୍ଗ ହାର୍ଟସର ସହ ସମ୍ପାଦକ ସରୋଜ କୁମାର ପାଣିଗ୍ରାହି କାର୍ଯ୍ୟକ୍ରମ ପରିଚାଳନା କରିଥିବା କରି ଟେରାକୋଟାରେ ସୁନ୍ଦର ସୁନ୍ଦର ଭ୍ୟାସ, ଲ୍ୟାମ୍ପ ଷ୍ଟାଣ୍ଡ, ହାତୀ, ଘୋଡ଼ା, ମ୍ୟୁରାଲ ଇତ୍ୟାଦି ଗଢିଥିଲେ। ଶେଷରେ ୟଙ୍ଗ ହାର୍ଟସ୍ ସଭାପତି ଚିତ୍ରଶିଳ୍ପୀ ମରୁତ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ରିଆଲିଟି ସୋ'ରେ କୁନି ଝିଅ ଦିବ୍ୟାଂଶୀଙ୍କ କମାଲ୍

### ଭାରତୀୟ ନାରୀ ବେଶରେ 'ଦିଦି ନମ୍ବର ୱାନ୍'ରେ ବିଜୟୀ

ବାଲେଶ୍ୱର,୧୮।୨(ସମିସ)

ଏକ ରିୟଲିଟି ସୋ'ରେ ନିଜର ପ୍ରତିଭା ଦେଖାଇଛନ୍ତି ବାଲେଶ୍ୱରର କୁନି ଝିଅ ଦିବ୍ୟାଂଶୀ ଖିଲାର। ସେ ଅନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ 'ଦିଦି ନମ୍ବର୍ ଓ୍ୱାନ୍' ରେ ବିଜୟ ହାସଲ କରିଛନ୍ତି। ଦିବ୍ୟାଂଶୀଙ୍କ ବୟସ ମାତ୍ର ୪ ବର୍ଷ ହୋଇଥିଲେ ବି ସେ ଏହି କୁନି ବୟସରେ ଅନେକ କଳାର ଅଧିକାରିଣୀ। ଆଙ୍କରିଂ, ନାଚ, ଗୀତ, ମଡେଲିଂ, ଚିତ୍ର, ଫ୍ୟାନ୍ସି ଡ୍ରେସ୍ ଆଦି ଯାହାବି କହିଲେ ସେ କରିଦେଉଛନ୍ତି। ଖାଲି ଏତିକି ନୁହେଁ ଶ୍ଳୋକ, ହନୁମାନ ଚାଳିଶା, ଗୀତାର ଦ୍ୱାଦଶ ଅଧ୍ୟାୟ ଯାହା ବି ପଚାରିଲେ ସେ ଅନର୍ଗଳ କହିପାରୁଛନ୍ତି। ଏପରି ଜଣେ ବିସ୍ମୟ ବାଳିକା ହେଉଛନ୍ତି ବାଲେଶ୍ୱରର ଦିବ୍ୟାଂଶୀ ଖିଲାର। ବର୍ତ୍ତମାନ କିଡସ୍ ହାଇ ଇଣ୍ଟରନେସନାଲ ପ୍ଲେ ସ୍କୁଲରେ ଏଲ୍ କେଜିରେ ପଢୁଛନ୍ତି। ଏହି ରିୟଲିଟି ସୋ'ରେ ସେ ଗୋଟିଏ ପରେ ଗୋଟିଏ ରାଉଣ୍ଡ ଅତିକ୍ରମ କରି ସଫଳତା ହାସଲ କରିଛନ୍ତି। ପ୍ରଥମେ ନିଜ ବିଷୟରେ ପରିଚୟ ଦେଇଥିଲେ। ଦିବ୍ୟାଂଶୀ ଭାରତୀୟ ନାରୀ ବେଶରେ ଯାଇ ଅଭିନୟ କରିଥିଲେ। ଏହାପରେ ଦୁଇଟି ଗେମ୍ ରାଉଣ୍ଡରେ ବି ସେ ଜିତିଥିଲେ। ପରେ ନୃତ୍ୟ ସହ ପ୍ରଶ୍ନୋତ୍ତର



ରାଉଣ୍ଡ ଅତିକ୍ରମ କରିଥିଲେ। ଏସବୁ ରାଉଣ୍ଡରେ ସେ ଶେଷ ପରି ବିଜୟ ହାସଲ କରିଛନ୍ତି। ସଫଳତା ପାଇଁ ଅନେକ ଉପହାର ସହ ଅର୍ଥରାଶି ପାଇଛନ୍ତି। ଭାଗ୍ୟ ଚକ୍ର ମାଧ୍ୟମରେ ମଧ୍ୟ ୬ ହଜାର ଟଙ୍କା ଜିତିଛନ୍ତି। ତେବେ ୫ ଜଣ ପିଲାଙ୍କୁ ପଛରେ ପକାଇ ବାଲେଶ୍ୱରର ଝିଅ ଗର୍ବ ଆଣିଛନ୍ତି। ଏଥିପାଇଁ ଅନେକ ପ୍ରଶଂସା ମଧ୍ୟ ସାଉଁଟିଛନ୍ତି।

ଦିବ୍ୟାଂଶୀ ବାପା, ମା ଏବଂ ବଡ ଭଉଣୀଙ୍କ ସହ ଚାନ୍ଦମାରି ପଡ଼ିଆ ନିକଟରେ ରହୁଛନ୍ତି। ବାପା ବିରେନ୍ଦ୍ର ଖିଲାର ଟ୍ୟୁସନ କରନ୍ତି। ଦିବ୍ୟାଂଶୀ ମନୋ ଆଙ୍କନ, ରାଇମ, ନାଚ, ଫ୍ୟାନସି ଡ୍ରେସ, ରାମ୍ପ ୱାକ ଆଦି ବହୁତ ଭଲ ଭାବରେ କରିପାରନ୍ତି। ତେବେ କୁନି ଝିଅର କଳାର ବିକାଶ ପାଇଁ ମା' ଦେବଜାନୀ ବାରିକ ଏବଂ ଭଉଣୀ ସରଗମ ଖିଲାର ଦିନରାତି ଲାଗିଛନ୍ତି। ଏହି ବୟସରେ ଦିବ୍ୟାଂଶୀ ମା' ଯେଉଁ ଯେଉଁ ମନ୍ତ୍ର ପୂଜା ବେଳେ ଉଚ୍ଚାରଣ କରିଥାନ୍ତି ସେସବୁ ମନେ ରଖି ଠାକୁରଙ୍କ ଆଗରେ ନିଜେ ଉଚ୍ଚାରଣ କରନ୍ତି। ସକାଳ ଓ ସନ୍ଧ୍ୟାରେ ଦିବ୍ୟାଂଶୀ ନିଜେ ମନ୍ତ୍ର ଉଚ୍ଚାରଣ କରି ଠାକୁରଙ୍କ ପୂଜା କରିଥାନ୍ତି। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ରାଜ୍ୟସ୍ତରୀୟ ଏବଂ ଜିଲ୍ଲାସ୍ତରରୁ ପୁରସ୍କାର ମଧ୍ୟ ପାଇଛନ୍ତି। ଦିବ୍ୟାଂଶୀଙ୍କ ବାସ୍ତବ ଗୁରୁ ମା ଏବଂ ଭଉଣୀ ସାଜିଛନ୍ତି।

## ସବାଇ ଘାସ ଉତ୍ପାଦନ ଏବଂ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର/ଜଳେଶ୍ୱର,୧୮।୨(ସମିସ): ଦୈନନ୍ଦିନ ଜୀବନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାରର ଫୁଲ ପାଛିଆ, ପେନଷ୍ଟାଣ୍ଡ, ହାତ ତିଆରି ହ୍ୟାଣ୍ଡ ପର୍ସ, ଫଳ, ଫୁଲ ଡାଲା ବିଭିନ୍ନ ପ୍ରକାର ଘରସଜ୍ଜା ସାମଗ୍ରୀ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି କରି ମହିଳାମାନେ ଗ୍ରାହକମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା ରଖିବା ଉଦ୍ଦେଶ୍ୟରେ



ଓର୍‌ମାସ ସହାୟତାରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକର ସର୍ଦ୍ଦାରବନ୍ଧ ଗ୍ରାମପଞ୍ଚାୟତରେ ସବାଇ ଘାସ ଉତ୍ପାଦନ ଏବଂ ଟ୍ରେନିଂ କେନ୍ଦ୍ରର ଶୁଭ ଉଦଘାଟନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦର ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ବ୍ଲକ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଘୋଷ, ଡେପୁଟି ସିଇଓ, ଓରମାସ ଶାନ୍ତନୁ ବାନାର୍ଜୀ, ଡିପିସି ମିଶନ ଶକ୍ତି କାର୍ତ୍ତିକ ନାୟକ, ପଞ୍ଚାୟତ ସମିତି ସଭ୍ୟ ଓ ସର୍ଦ୍ଦାରବନ୍ଧ ପଞ୍ଚାୟତର ସରପଞ୍ଚ ଏବଂ ମିଶନ ଶକ୍ତି ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଟ୍ରେନିଂ ପ୍ରୋଗ୍ରାମ ୨ ମାସ ଧରି ଚାଲୁ ରହିଥିବା ବେଳେ ଏହାଦ୍ୱାରା ୬ ଗୋଟି ଉତ୍ପାଦିକା ଗୋଷ୍ଠୀର ୧୮୦ ରୁ ୨୦୦ ମହିଳା ସ୍ୱାବଲମ୍ବୀ ହୋଇ ପାରିଛନ୍ତି।

## ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମାତୃ ସମ୍ମିଳନୀ



ବାଲିଆପାଳ,୧୮।୨(ସମିସ): ସିଂଲା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସଭାପତି ମନୋରଞ୍ଜନ ଗିରିଙ୍କ ସଭାପତିତ୍ୱରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀ ତନୁଶ୍ରୀ ନାୟକ ଓଡ଼ିଶୀ ନୃତ୍ୟ ଓ ଦିବ୍ୟାଂଶି ମାତୃ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା କଳ୍ପନା ନାୟକ ଅତିଥି ସମ୍ଭାଷଣ ସହିତ ପ୍ରଧାନ ଆଚାର୍ଯ୍ୟ ଜୟନ୍ତ କୁମାର ମିଶ୍ର ବୈଦିକ ସ୍ତୁତି ଉଚ୍ଚାରଣ କରିଥିଲେ। ଏହି ଉତ୍ସବରେ ଅତିଥି ଭାବେ ସିଂଲା ୩୨ ବେଶ କମିଟିର ସମ୍ପାଦକ କମଳାକାନ୍ତ ଅଣ୍ଡିଆ, ପ୍ରଧାନ ସେବାୟତ ରବି ନାରାୟଣ ଗିରି ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଜନୀକାନ୍ତ ଘଡ଼ାଇ ବକ୍ତା ଭାବେ ଯୋଗଦେଇ ଏକ ଆଦର୍ଶ ସନ୍ତାନ ଗଠନରେ ମା' ଓ ଗୁରୁଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଗୁରୁଜୀ ଗୁରୁମା ରଶ୍ମିତା ପାଢ଼ୀ, ଭବାନୀ ରଣା, ମିନତୀ ପରିଡା, ପର୍ଶୁରାମ ପରିଡ଼ା, ସୁବ୍ରତ କୁମାର ସାହୁ, ଶୁଭଙ୍କର ମିଶ୍ର, ଗୀତାଞ୍ଜଳି ସେନାପତି, ହରିଶ୍ଚନ୍ଦ୍ର କଇ, ଗୌରାଙ୍ଗ ପାଲ୍ ଏବଂ ସଦସ୍ୟ ହେମନ୍ତ କୁମାର ମିଶ୍ର ଓ ବରେନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଆଚାର୍ଯ୍ୟା ଗୀତାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କ ଘରୁ ଲୁଟ୍ ଘଟଣା; ୬ ଗିରଫ

**ଭଦ୍ରକ ଓ ବାଲେଶ୍ୱର ପୁଲିସର ମିଳିତ ସାମ୍ବାଦିକ ସମ୍ମିଳନୀ**

ସିମୁଳିଆ,୧୮।୨(ସମିସ)

ବାରି ଅଙ୍ଗନବାଡ଼ି କର୍ମୀ ସୁକାନ୍ତି ସାହୁଙ୍କ ଘରେ ପଶି ତାଙ୍କୁ ଆକ୍ରମଣ ଓ ଲୁଟ୍ ଘଟଣାରେ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବଧି ବାଲିଖଣ୍ଡର ନରେନ୍ଦ୍ର ଶିଅଳ ଓରଫ ଟେରୁ, ସନାତନ ମହାଳିକ ଓରଫ ନେଉଳ, ସମ୍ପୈଇ ଶ୍ୟାମସୁନ୍ଦରପୁରର ଅଶୋକ କୁମାର ଶତପଥି, ପୁରୁଷୋତ୍ତମପୁର ଥାନା ସିମୁଳିଆର ନୃସିଂହ ବାରିକ ଓରଫ କାର୍ତ୍ତିକ, ବିଦେଇପୁରର ସତ୍ୟବ୍ରତ ମଲିକ ଓରଫ ଜିତୁ ଓ ସନ୍ଦୀପ ମଲିକ ଓରଫ ରାଜା। ଆଜି ପୂର୍ବାଞ୍ଚଳ ଡିଆଇଜି ସତ୍ୟବ୍ରତ ନାୟକ, ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ, ଭଦ୍ରକ ଏସ୍‌ପି ମଦକର ସନ୍ଦୀପ ସମ୍ପଦ ସିମୁଳିଆ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପ୍ରକାଶ ଥାଉକି, ଗତ ୧୫ ତାରିଖରେ ଅଙ୍ଗନବାଡି କର୍ମୀ ସୁକାନ୍ତି ବାରି ବଜାରସ୍ଥିତ ରାସ୍ତା ପାଖରେ ଥିବା ତାଙ୍କ ଘରେ ଥିଲେ। ତାଙ୍କ ସ୍ୱାମୀଙ୍କର ସେହି ରାସ୍ତା ପାଖରେ ଏକ ଦୋକାନ ଅଛି। ଦୋକାନ ବନ୍ଦ କରି ତାଙ୍କ ସ୍ୱାମୀ ରାତି ପ୍ରାୟ ସାଢେ ୮ଟାରେ ବାରି ବଜାରକୁ ସଉଦା ଆଣିବାକୁ ଯାଇଥିଲେ। ସୁକାନ୍ତି ଘରେ ଏକା ଥିଲେ। ସେହି ସମୟରେ ୬ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ସୁକାନ୍ତିଙ୍କୁ ଭୁଜାଲିରେ ହାଣି ପିନ୍ଧିଥିବା ସୁନା ଚେନ୍ ବେକରୁ ଝାମ୍ପି ନେଇଯାଇଥିଲେ। ସ୍ୱାମୀ ବଜାରରୁ ଫେରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ତ୍ରୀ ପଡ଼ିଥିବା ଦେଖି ପ୍ରଥମେ ସିମୁଳିଆ, ପରେ ଭଦ୍ରକ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟା ସମୟରେ ଏପରି ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଅଭିଯୁକ୍ତଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ବାଲେଶ୍ୱର ଓ ଭଦ୍ରକ ପୁଲିସ ମିଳିତ ସହଯୋଗରେ ବାଲେଶ୍ୱର ଏସ୍‌ଡିପିଓ ନରେନ୍ଦ୍ର କୁମାର ପାଲ, ସିମୁଳିଆ ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ, ଏସ୍‌ଆଇ ଦିଲ୍ଲୀପ କୁମାର ସାମଲ, ଏଏସ୍‌ଆଇ ବିଶ୍ୱଜିତ ସେଠୀ, ସଞ୍ଜୟ ଚକ୍ରବର୍ତ୍ତୀ, ଧନେଶ୍ୱର କିସ୍କୁ, ଭଦ୍ରକ ବାସୁଦେବପୁର ଆଡିସିନାଲ୍ ଏସ୍‌ପି ନିରଞ୍ଜନ ବେହେରା, ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଆଇଆଇସି ଲୋପାମୁଦ୍ରା ନାୟକ, ଇନ୍ସପେକ୍ଟର ଆଲୋକ ବେହେରାଙ୍କ ମିଳିତ ସହଯୋଗରେ ଉପରୋକ୍ତ ୬ଜଣ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ନାମରେ ଖନ୍ତାପଡ଼ା ଥାନାରେ ଗୋଟିଏ ଓ ସୋର ଥାନାରେ ୬ଟି ମାମଲା ରହିଥିବାବେଳେ ସିମୁଳିଆ ଥାନାରେ ମଧ୍ୟ ଗୋଟିଏ ମାମଲା ଅଛି। ଦୁର୍ବୃତ୍ତମାନଙ୍କ ପାଖରୁ ନଗଦ ୪ହଜାର ୬୮୮ ଟଙ୍କା ଓ ରୂପା ମୁକୁଟ ୩ଟି ବ୍ରୋଞ୍ଜ ଓ ୨ଟି କଂସା ଗାର ସହିତ ଘଟଣାଦିନ ବ୍ୟବହୃତ ମାରଣାସ୍ତ୍ର ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି।



## ଜାମୁଡ଼ିହାରେ ୪୭ତମ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



ନୀଳଗିରି,୧୮।୨(ସମିସ): ନୀଳଗିରି ବ୍ଲକ ଜାମୁଡିହା ଖେଳପଡିଆ ଠାରେ ବୀଣାପାଣି କ୍ଲବ୍ ଆନୁକୁଲ୍ୟରେ ଗତ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ତ୍ରିଲୋଚନ ବାରିକ ଏବଂ ସୁରେନ୍ଦ୍ର ନାୟକ ଉଭୟ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନ ୪.୩୦ସମୟରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ରବିନାରାୟଣ ପରିଡା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ତ୍ରିଲୋଚନ ବାରିକ ଏବଂ ଏମ. ଆଇ ଏସଡିଓ ନିଶାରି ଚରଣ ନାୟକ, ସ୍ଥାନୀୟ ସରପଞ୍ଚ ଏବଂ ସମିତିସଭ୍ୟ ଯୋଗଦେଇ ଉତ୍ସବର ମହିମାମଣ୍ଡନ କରିଥିଲେ। ପରେ ଉକ୍ତ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ମୁଖ୍ୟଅତିଥି ଶ୍ରୀଯୁକ୍ତ ଖଟୁଆ ୩୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିବା ବେଳେ ଉପବିଜେତା ଦଳକୁ ମୁଖ୍ୟବକ୍ତା ଶ୍ରୀଯୁକ୍ତ ପରିଡା ୨୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସମାବେଶରେ ବିଧାୟକ ଶ୍ରୀଯୁକ୍ତ ଖଟୁଆ ଉକ୍ତ ଖେଳପଡିଆର ଆନୁଷଙ୍ଗିକ ଉନ୍ନତିକରଣ କରିବା ସହିତ ଗୋଡିଶୁଳ ଠାରେ ୧୮କୋଟି ଟଙ୍କା ବ୍ୟୟରେ ଏକ ଷ୍ଟାଡିୟମ ନିର୍ମାଣ କରିବାର ପ୍ରତିଶ୍ରୁତି ଦେଇଥିଲେ। ଫୁଟବଲ ପ୍ରତିଯୋଗିତାର ସମସ୍ତ ମ୍ୟାଚକୁ ରତନ ସ୍ୱାଇଁ, ସନ୍ତୋଷ ଏବଂ ବାପି ପରିଚାଳନା କରିଥିବା ବେଳେ ଟୁନା ମହାପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବ୍ ସଦସ୍ୟ ଟୁଣିଆ ସ୍ୱାଇଁ, ବାବୁ ସ୍ୱାଇଁ, ପର୍ଶୁରାମ ପରିଡା, କାର୍ତ୍ତିକ ଚନ୍ଦ୍ର ରାଉତ, ଟିଙ୍କୁ ସାହୁ, ଉମେଶ ସାହୁ, ରାମକୃଷ୍ଣ ମହାପାତ୍ର, ସଞ୍ଜୁ ଘୋଷ, ଅଶୋକ ନାୟକ, ଦୀପକ ଘୋଷ, ନୀଳମାଧବ, ରବିନ ସ୍ୱାଇଁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇ ସହଯୋଗ କରିଥିଲେ।

## ଗଡ଼ିଆରେ ପଡ଼ି ଦିବ୍ୟାଙ୍ଗ ବୃଦ୍ଧା ମୃତ

ନୀଳଗିରି,୧୮।୨(ସମିସ): ନୀଳଗିରି ଥାନା ଦକ୍ଷିଣନରସିଂହପୁର ପଂଚାୟତ ଚଷାଖଣ୍ଡ ବାଇଗଡ଼ିଆ ଗ୍ରାମର ଜଣେ ଦିବ୍ୟାଙ୍ଗ ବୃଦ୍ଧାଙ୍କ ଗଡ଼ିଆରେ ପଡି ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଗଣନାଥ ସିଂଙ୍କ ସ୍ତ୍ରୀ ସାବିତ୍ରୀ (୬୨)। ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ ସାବିତ୍ରୀ ଘରପାଖ ଗଡ଼ିଆକୁ ଯାଇଥିବା ବେଳେ କୌଣସି କାରଣରୁ ଗୋଡ଼ ଖସିଯିବାରୁ ବୁଡି ଯାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କଲାବେଳକୁ ମୃତ୍ୟୁ ହୋଇସାରିଥିଲା। ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ଜେନା ନୀଳଗିରି ତହସିଲକୁ ଅବଗତ କରାଇବା ପରେ ରାଜସ୍ୱ ନିରୀକ୍ଷକ ପହଞ୍ଚି ତଦନ୍ତ କରିବା ସହିତ ମୃତ ମହିଳାଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ଡାକ୍ତରଖାନାକୁ ପଠାଇଥିବା ସୂଚନା ମିଳିଛି।

## ପ୍ରଶାନ୍ତ କୁମାର ମହାନ୍ତି ଙ୍କ ସ୍ମୃତିଚାରଣ ସଭା



ବାଲିଆପାଳ,୧୮।୨(ସମିସ): ସିଂଲା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ସମ୍ମିଳନୀ କକ୍ଷରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ତଥା ସାର୍ବଜନୀନ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ କମିଟି ଓ ମାନବାଧିକାର ମିଶନର ସଭାପତି ଜୟନ୍ତ କୁମାର ମିଶ୍ରଙ୍କ ପୌରହିତ୍ୟରେ ସିଂଲା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସାର୍ବଜନୀନ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ କମିଟି ଓ ମାନବାଧିକାର ମିଶନ ତରଫରୁ ବିଶିଷ୍ଟ ଭେଷଜଜ୍ଞ ତଥା ସାରସ୍ୱତ ସାଧକ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କ ଉଦ୍ଦେଧଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମାନେ ୨ ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ସ୍ୱର୍ଗତ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ମୃତି ଚାରଣ ସଭାରେ ମନୋରଞ୍ଜନ ଗିରି, ନିତ୍ୟାନନ୍ଦ ପ୍ରଧାନ, ରବି ନାରାୟଣ ଗିରି, ଅମୂଲ୍ୟ କୁମାର ପାତ୍ର, ପ୍ରିୟବ୍ରତ ପଣ୍ଡା, ରାମକୃଷ୍ଣ ଶୁକ୍ଳ, ନିରଞ୍ଜନ ବେହେରା, ମନ୍ମଥ ଅଣ୍ଡିଆ ଓ ଖୁଦିରାମ କାମିଲା ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କର ସ୍ୱର୍ଗାରୋହଣ ଏ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ଘଟିଛି ବୋଲି ଉପସ୍ଥିତ ସମସ୍ତ ଶୁଭେଚ୍ଛୁ ସ୍ମୃତି ଚାରଣ କରିଥିଲେ। ଶିକ୍ଷାକେନ୍ଦ୍ରର ଗୁରୁଜୀ ଗୁରୁମା - କଳ୍ପନା ନାୟକ , ରଶ୍ମିତା ପାଢ଼ୀ, ଭବାନୀ ରଣା, ପର୍ଶୁରାମ ପରିଡା , ଶୁଭଙ୍କର ମିଶ୍ର, ସୁବ୍ରତ କୁମାର ସାହୁ, ପ୍ରଶାନ୍ତ ସି ଓ ସଦସ୍ୟ ହେମନ୍ତ କୁମାର ମିଶ୍ର, କମଳାକାନ୍ତ ଅଣ୍ଡିଆ, ବରେନ୍ଦ୍ର ସିଂହ, ରମାନାଥ ବାଗ, ଗିରିଜା ଶଙ୍କର ଦାଶ, ଭାଗବତ ମହାନ୍ତି, ଗୋବିନ୍ଦ କର, ଅଜୟ ନାୟକ, ଗୌତମ ନାୟକ, ସଦସ୍ୟା ଆରତୀ ସାମନ୍ତରାୟ ଇତ୍ୟାଦି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଗୁରୁମା ଗୀତାଞ୍ଜଳି ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## କୃଷି ବୈଜ୍ଞାନିକ ଡ. ଶ୍ୟାମାରଞ୍ଜନଙ୍କୁ ଛାତ୍ର ଗୌରବ ସମ୍ମାନ



ରାଜଘାଟ,୧୮।୨(ସମିସ): ବାଲେଶ୍ୱର ସ୍ଥିତ ଫକୀର ମୋହନ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ତରଫରୁ ଅନୁଷ୍ଠିତ ୩୦ତମ ଉତ୍ସବରେ ବସ୍ତା ବ୍ଲକ ଧିତପୁରା ଗ୍ରାମର ଡ଼ଃ ଶ୍ୟାମା ରଞ୍ଜନ ଦାସ ମହାପାତ୍ରଙ୍କୁ ଛାତ୍ର ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଛି। ଡ଼ ଦାସ ମହାପାତ୍ର କଟକ ସ୍ଥିତ ସର୍ବଭାରତୀୟ କୃଷି ଗବେଷଣା ସଂସ୍ଥା ଆନୁକୂଲ୍ୟରେ ପ୍ରତିଷ୍ଠିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ଶସ୍ୟ ସୁରକ୍ଷା ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। କୃଷି ସମ୍ବନ୍ଧୀୟ ଅନେକ ପ୍ରକଳ୍ପରେ ଦୀର୍ଘ ୨୦ବର୍ଷ ଧରି ପରୀକ୍ଷା ନିରୀକ୍ଷଣ କରିବା ସହିତ ନୂଆ ନୂଆ ଆବିଷ୍କାର ଓ ସେ ସବୁର ପ୍ରୟୋଗୀ କାରଣରେ ସଫଳତାର ପାହାଚ ପହଂଚି ପାରିଛନ୍ତି ତଥା କାନପୁର ସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ପୁଲସେସ ରିସର୍ଚ୍ଚରେ ବରିଷ୍ଠ ବୈଜ୍ଞାନିକ ଭାବରେ ମଧ୍ୟ ଅବସ୍ଥାପିତ ହୋଇଛନ୍ତି।

## ବାଲି ଓ ପଥର ବୋଝେଇ ୨ ଡମ୍ପର ଜବତ

ସୋର,୧୮।୨(ସମିସ): ସୋର ତହସିଲ ପକ୍ଷରୁ ତଳନଗର ନିକଟରେ ଚଢ଼ଉ କରାଯାଇ ୨ଟି ଡମ୍ପର ଜବତ କରି ସୋର ଥାନାରେ ଜିମା ଦିଆଯାଇଛି। ଆଜି ଅପରାହ୍ନରେ ସୋର ଅତିରିକ୍ତ ତହସିଲଦାର ଦୈତାରୀ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ବେଆଇନ ପଥର ଓ ବାଲି ଗାଡ଼ିର କାଗଜପତ୍ର ଯାଞ୍ଚ କରୁଥିଲେ। ଦୁଇଟି ଗାଡି (ଓଡି୧୬ଡି-୪୪୮୭ ଓ ଓଡି୨୨ଏକ୍ସ-୮୨୫୯)କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଏଥିରେ ବେଆଇନ ଭାବେ ବାଲି ଏବଂ ପଥର ଚାଲାଣ ହେଉଥିବା ଜାଣି ଗାଡି ଦୁଇଟିକୁ ଜବତ କରିବା ସହିତ ବାଲି ଗାଡି ଚାଳକ ଘଟଗାଁ ଥାନା ଗୋଧିରାମପଡାର ରମେଶ ଚନ୍ଦ୍ର ମୁଣ୍ଡା ଓ ପଥର ଗାଡି ଚାଳକ ଭଦ୍ରକ ପୁରୁଣା ବଜାର ଥାନା ପଠାଣମହଲା ଗ୍ରାମର ସେକ୍ ଇସମାଇଲକୁ ସୋର ଥାନା ଜିମା ଦେଇଥିଲେ। ଏନେଇ ସୋର ପୁଲିସ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ଚାଳକ ଦ୍ୱୟଙ୍କୁ ବ୍ୟକ୍ତିଗତ ମୁଚାଳିକାରେ ଛାଡି ଘଟଣାର ତଦନ୍ତ ଚଳାଇଛି।

## ୨୪ରୁ ଶାନ୍ତିଆ ନେତାଜୀ ପ୍ରିମିୟର ଲିଗ୍ ସିଜନ୍-୩

**● ୬ଟି ଟିମ୍ ପାଇଁ ଅକ୍ସନ ଶେଷ**




ଜଲେଶ୍ୱର,୧୮।୨(ସମିସ): ଜଲେଶ୍ୱର ମ୍ୟୁନିସିପାଲଟି ଅଧିନ ୧୦ ନମ୍ବର ୱାର୍ଡ ସ୍ଥିତ ଶାନ୍ତିଆ ନେତାଜୀ ଷ୍ଟାଡିୟମରେ ସିଜିନ-୩ ସୀମିତ ଓଭର ଟେନିସ ବଲ୍ (ଏନପିଏଲ) କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ନବଜ୍ୟୋତି କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସହର ଉପକଣ୍ଠରେ ଥିବା ପୁରାତନ ଖେଳ ପଡିଆରେ ଫେବୃୟାରୀ ୨୪ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ୯୦ ଜଣ ପ୍ରତିଭାବାନ ଖେଳାଳୀଙ୍କୁ ୬ଟି ଟିମ୍ ମାଲିକ୍ ଅକ୍ସନ୍ ପ୍ରକ୍ରିୟାରେ କ୍ରୟ କରିଥିଲେ। ଏହି ପ୍ରତିଯୋଗିତାର ମୋଟ ୬ ଟି ଦଳ ଯଥା-ରାଜ ନନ୍ଦିନୀ ଏକାଦଶ, ମାନସ ଏକାଦଶ, ପିସିସି ଫାଇଟର, ବିଏସ ଏଲେଭେନ୍, ହ୍ୟାକେର ଏକାଦଶ, ଏଲେଭେନ୍ ଷ୍ଟାର ଟିମ୍ ଭାଗ ନେବାର ସ୍ଥିରିକୃତ ହୋଇଥିଲା। ଉଦ୍‌ଘାଟନୀ ଓ ଫାଇନାଲ ଖେଳ ଉତ୍ସବରେ ମାନ୍ୟଗଣ୍ୟ ନେତୃବୃନ୍ଦ, ଜନପ୍ରତିନିଧି ପ୍ରମୁଖ ଆତିଥ୍ୟ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ବିଶେଷ କରି ଏହି ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳକୁ ୭୫ ହଜାର ଟଙ୍କା, ଉପ ବିଜେତା ଦଳକୁ ୫୫ ହଜାର ଟଙ୍କା ଅର୍ଥ ରାଶି ସହିତ ବୃହତ୍ ଟ୍ରଫି ଓ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ରହିଛି ବୋଲି କ୍ଲବ ପକ୍ଷରୁ ଜଣାଯାଇଛି। ଅକ୍ସନ୍ କାର୍ଯ୍ୟକ୍ରମରେ କ୍ଲବର ସଭାପତି ବିଭୂତି ଭୂଷଣ ବ୍ରହ୍ମ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଦାସଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ନଗର ପାଳ ପ୍ରତୀପ୍ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଉମାକାନ୍ତ ଜେନା, ମୁଖ୍ୟ ବକ୍ତା ଭାବେ କୁମାର ଚନ୍ଦନ, ଦୁର୍ଗା ଶଙ୍କର ବ୍ରହ୍ମ ଉପସ୍ଥିତ ହୋଇ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରେ ନିପୁଣ ପ୍ରତିଭା ଅନ୍ୱେଷଣ, ସୁସ୍ଥ ଜୀବନ ଓ ଭାଇଚାରା ସୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାଉଣ୍ଡ ପିଚ୍ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଟୁର୍ଣ୍ଣାମେଣ୍ଟକୁ ଉପଭୋଗ କରିବାକୁ କ୍ରୀଡ଼ାପ୍ରେମୀ ଓ ସାଧାରଣ ଦର୍ଶକଙ୍କୁ କ୍ଲବ ତରଫରୁ ସାଦରେ ଆମନ୍ତ୍ରଣ କରାଯାଇଛି।

## ସିମୁଳିଆରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଖଇରା,୧୮।୨(ସମିସ): ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ସିମୁଳିଆସ୍ଥିତ ଭଗବତୀ ବିହାର ଆଶ୍ରମ ପରିସରରେ ୩ଦିନ ଧରି ଚାଲିଥିବା ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସୋମବାର ସଂଧ୍ୟାରେ ପ୍ରବଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହ ଉଦ୍‌ଯାପିତ ହୋଇ ଯାଇଛି। ଶନିବାର ଋଷିପୁତ୍ର ମାନଙ୍କୁ ସ୍ୱାଗତ ସହ ଅଖଣ୍ଡଦୀପ ଲକ୍ଷେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମକୁ ହଜାର ହଜାର ଶ୍ରଦ୍ଧାଳୁ ମନଭରି ଉପଭୋଗ କରିଥିଲେ। ପରିବ୍ରାଜକ ପ୍ରଦୀପ କୁମାର ମହାନ୍ତି ଓ ସାଥୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକମ ଅନୁଷ୍ଠିତ ହୋଇଥିଲା। ଶେଷରେ ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି, ଯଜ୍ଞକର୍ମ ସମ୍ପାଦନାର ମୁଖ୍ୟପୁରୋଧା ଭୋଳାନାଥ ଶିଅ, ଡା ମୁରଲୀ ସୂତାର



ପ୍ରଜ୍ୱଳନ କରାଯାଇଥିଲା। ରବିବାର ଦିନ ଅନାମ ଚରଣ ପଣ୍ଡାଙ୍କ ଦ୍ୱାରା ଧର୍ମଧ୍ୱଜା ଉତ୍ତୋଳନ ପରେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଶୁନ୍ୟମଣ୍ଡପ ପରିସରରୁ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ସୋମବାର ଉଦ୍‌ଯାପନୀ ଦିବସ ସକାଳେ ନାମ କରଣ, ବିଦ୍ୟାରମ୍ଭ, ପୁଂସବନ, ବ୍ରତ ଓ ବିବାହ ଆଦି ସଂସ୍କାର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଂଧ୍ୟାରେ ଓ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ପୂର୍ବତନ ଅଧକ୍ଷ ନେତ୍ରାନନ୍ଦ ରାଉତ ଓ ଗୋଲକ ମହାପାତ୍ର, ସନ୍ତୋଷ ଦଳେଇ, ଅଜୟ ମଣ୍ଡଳ, ଅନିରୁଦ୍ଧ ଶାଙ୍କ ସମେତ ସିମୁଳିଆ, ଗଡପୋଖରୀ ଗ୍ରାମବାସୀ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

## ବଂଶୀଧର ବିଦ୍ୟାପୀଠରେ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୧୮।୨(ସମିସ): ରେମୁଣା ବ୍ଲକ ଅନ୍ତର୍ଗତ କୁଳିଗାଁ ପଞ୍ଚାୟତ ସ୍ଥିତ ବଂଶୀଧର ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ମାର୍ଚ୍ଚ ୧୬ ଓ ୧୭ ତାରିଖରେ ଦୁଇଦିନ ଧରି ପାଳନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଗିରିଶ ଚନ୍ଦ୍ର ପଢ଼ିଆରୀଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେବାକୁ ଥିବା ଅତିଥିଙ୍କ ଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହେଇ ବିଭିନ୍ନ କମିଟି ଓ ସବ୍‌କମିଟି ମାନ ଗଠନ କରାଯାଇଥିଲା। ଜୟନ୍ତୀ ସମାରୋହକୁ ସଫଳ କରିବାକୁ ସମସ୍ତେ ନିଜ ନିଜ ଦାୟିତ୍ୱ ତୁଲାଇବେ ବୋଲି ସଦସ୍ୟସଦସ୍ୟା ମାନେ ପ୍ରକାଶ କରିଥିଲେ। ବୈଠକରେ ଜୟନ୍ତ ମଲ୍ଲିକ, ପ୍ରଶାନ୍ତ ପାଣିଗ୍ରାହୀ, ରାହାସ ପଣ୍ଡା, ଅରୁଣ ମଲ୍ଲିକ, ସନାତନ ରାଉତ, ସନ୍ତୋଷ ଶତପଥୀ, ରମାନାଥ ରାଉତ, ଅଶ୍ୱିନୀ ପ୍ରଧାନ, ଉମେଶ ଦାସ, ଦିଲ୍ଲୀପ ଶତପଥୀ, ବିନୟ ଶତପଥୀ, ମନୋରଞ୍ଜନ ମଲ୍ଲିକ, ଅରୁଣ ମହାନ୍ତି, ପ୍ରବୀର ଦାସ, ବିନୋଦ ସେଠି, ଜଳଧର ମହାନ୍ତି, ଦେବାଶିଷ ମହାନ୍ତି, ରତିକାନ୍ତ ରାଉତ, ବଂଶୀଧର ଦଳାଇ, ଶଶୀକାନ୍ତ ବାରିକ, ରାଜୀବ ରାଉତ, ଶରତ ଦାସ ପ୍ରମୁଖ ନିଜନିଜର ମତାମତ ରଖିଥିଲେ। ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ଅନୁଦାନ ଦେଉଥିବା ସମସ୍ତ ପୁରାତନ ଛାତ୍ରଛାତ୍ରୀ ଓ ବିଦ୍ୟାଳୟକୁ ଭଲ ପାଉଥିବା ବ୍ୟକ୍ତିମାନଙ୍କ ନାମ ପଠନ କରିବା ସହିତ ସମସ୍ତଙ୍କୁ ପୁରାତନ ଛାତ୍ର ସଙ୍ଘର କୋଷାଧକ୍ଷ ଦିଲ୍ଲୀପ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

**ସୁଧୁରୁନି ରୂପସା ରେଳ ଷ୍ଟେସନ ସମସ୍ୟା**

# ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ରୂପସା,୧୮।୨(ସମିସ)

ଦକ୍ଷିଣ ପୂର୍ବ ରେଳପଥର ରୂପସା ରେଳ ଷ୍ଟେସନରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏନେଇ ବାରମ୍ବାର ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ସମସ୍ୟାର ସମାଧାନ ହେଉନାହିଁ। ଫଳରେ ସମସ୍ୟାର ତ୍ୱରିତ ପଦକ୍ଷେପ ଗ୍ରହଣ ଲାଗି ରୂପସା ଥାନା ଅନ୍ତର୍ଗତ ଭଗବାନପୁର ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ସଦର ବିଧାୟକ ମାନସ କୁମାର ଦତ୍ତଙ୍କୁ ଏକ ଦାବିପତ୍ର ଦିଆଯାଇଛି। କରୋନା ମହାମାରୀ ଠାରୁ ରୂପସା ଷ୍ଟେସନରେ ଅଟକୁନଥିବା ଡାଉନ୍ ଜଗନ୍ନାଥ ଏକ୍ସପ୍ରେସ ଟ୍ରେନର ରହଣି, ବାଙ୍ଗିରିପୋଷିରୁ ବାଲେଶ୍ୱର ସକାଳ ୯.୩୦ ମିନିଟରେ ଯାଉଥିବା ପୂର୍ବ ପାସେଞ୍ଜର ଟ୍ରେନଟିକୁ ପୂର୍ବଭଳି ବାଲେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବା, ଦିଲ୍ଲୀ ଯାଉଥିବା ଯେ କୌଣସି ଟ୍ରେନ ରୁପସା ଷ୍ଟେସନରେ ରହଣି, ଷ୍ଟେସନର ଉତ୍ତର କେବିନ ଫାଟକ ନିକଟରେ ଏକ ଫ୍ଲାଏ ଓଭରବ୍ରିଜ ନିର୍ମାଣ, ପଶ୍ଚିମପଟରେ ଏକ୍ ନୂତନ ଟିକେଟ କାଉଣ୍ଟର ଖୋଲାଯିବା, ଦକ୍ଷିଣ ପଟରୁ ଉତ୍ତର ପଟକୁ ଆସିବାକୁ ଥିବା ଶୋଚନୀୟ ରାସ୍ତାର ମରାମତି, ଭଗବାନପୁର ଠାରେ ଏକ ଗଳାପୋଲ କିମ୍ବା ରେଳ ଲାଇନର ଉତ୍ତର ପାଶ୍ୱର୍ରେ ବାମଡ଼ା ଗେଟ୍ ଠାରେ ସ୍ଥାୟୀ ଆପ୍ରୋଚ୍ ରୋଡ଼ ନିର୍ମାଣ କରିବା ଆଦି ସମ୍ବଳିତ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରାପ୍ତିର ଏକ ମାସ ମଧ୍ୟରେ କୌଣସି ପଦକ୍ଷେପ ନିଆ ନଗଲେ ପରିଷଦର ସଭାପତି ଅନ୍ତର୍ଯାମୀ ମହାପାତ୍ର, ଉପ ସଭାପତି ଉପେନ୍ଦ୍ର ପ୍ରଧାନ,ସାଧାରଣ ସଂପାଦକ କୁଳ ମହାନ୍ତ, ସହ ସଂପାଦକ ଶ୍ରୀଧର ସେଠୀ, କୋଷାଧ୍ୟକ୍ଷ ଲୋକନାଥ ମହାନ୍ତି, ସଂଗଠନ ସଂପାଦକ ରାଜୁ ସିଂଙ୍କ ସହିତ ଅନ୍ୟ ସମସ୍ତ ସଦସ୍ୟମାନେ ଷ୍ଟେସନ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଡକ୍ଟର ଜସ୍ମିନ ନାୟକଙ୍କୁ 'ଯୁବ ବୈଜ୍ଞାନିକ' ସମ୍ମାନ

ବାଲିଆପାଳ,୧୮।୨(ସମିସ): ଇଣ୍ଡିଆନ ସୋସାଇଟି ଫର୍ ଦି ଷ୍ଟଡି ଅଫ୍ ରିପ୍ରଡକ୍ସନ ଓ ଫର୍ଟିଲିଟି (ଆଇଏସ୍‌ଏସ୍‌ଆର୍‌ଏଫ୍) ଏବଂ ଇଣ୍ଟରନ୍ୟାସନାଲ କନ୍‌ଫରେନ୍ସ ଅନ୍ ରିପ୍ରଡକ୍ଟିଭ ବାୟୋମେଡିସିନର ମିଳିତ ସହଯୋଗରେ ରାଜସ୍ଥାନର ଜୟପୁର ଠାରେ ୩୫ ତମ ବାର୍ଷିକୀ ଉତ୍ସବ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ଗ୍ରାମର ଯୁବ ବୈଜ୍ଞାନିକ ଡଃ ଜସ୍ମିନ ନାୟକ ସମ୍ବର୍ଦ୍ଧିତ ହୋଇଛନ୍ତି। ଡଃ ଜସ୍ମିନ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଜ୍ଞାନର ସ୍ନାତକୋତ୍ତର ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ଏମ୍‌ଫିଲ ଓ ପିଏଚ୍‌ଡ଼ି ପରେ ସେହି ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ଆସୋସିଏଟ ଭାବେ କାର୍ଯ୍ୟରତ। ମାନବ କଲ୍ୟାଣ ନିମନ୍ତେ ବିକଶିତ ପ୍ରଜନନ ଓ ଉନ୍ନତ ଜୈବିକ ପ୍ରଜାତିର ଉତ୍ପାଦନ ସମ୍ପର୍କରେ ୧୩ଟି ଗବେଷଣାତ୍ମକ ନିବନ୍ଧ, ୪ଟି ପେଟେଣ୍ଟ ଓ ଗୋଟିଏ ସନ୍ଦର୍ଭ ରଚନା କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବୈଜ୍ଞାନିକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପ୍ରଫେସର ଜି.ପି. ତଲୱାର ଯୁବ ବୈଜ୍ଞାନିକ ସମ୍ମାନ ପାଇବାର କୃତିତ୍ୱ ହାସଲ କରିପାରିଛନ୍ତି। ଏହି ସଫଳତା ପାଇଁ ପ୍ରୋତ୍ସାହିତ କରିଥିବା ଗାଇଡ ପ୍ରଫେସର ଲୁନା ସାମନ୍ତ, ଜେଜେବାପା ଦିବାକର ନାୟକ, ଜେଜେମା ପାର୍ବତୀ ନାୟକ, ସ୍ୱର୍ଗତ ଶଶୁର କାମଦେବ ପ୍ରଧାନ, ଶାଶୁ ନଳିନୀ ପ୍ରଧାନ, ବାପା ଅବସରପ୍ରାପ୍ତ ଇଂ ଝାଡେଶ୍ୱର ନାୟକ, ମା' ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଜେନା, ଅଜା ବରେନ୍ଦ୍ରନାଥ ଜେନା, ଆଈ ରାଣମଣି ଓ ସ୍ୱାମୀ ଇଂ ମନୋଜ କୁମାର ପ୍ରଧାନଙ୍କୁ ଜସ୍ମିନ କୃତଜ୍ଞତା ଜଣାଇଛନ୍ତି।



## ଛାତ୍ରୀଙ୍କ ପ୍ରତିଭା ଅନ୍ୱେଷଣ

**ସୋସୋ, ୧୮।୨(ସମିସ):** ହାଟଡିହି ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ କିଶୋରୀ ବାଳିକାଙ୍କୁ ନେଇ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ ଉମାମଣୀ ମହାପାତ୍ର ସଂଯୋଜନା କରିଥିଲେ। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଏବିଇଓ ପ୍ରମୋଦ ନାୟକ, ଡାକ୍ତର ବିକାଶ ସାର୍, ସୁପରଭାଇଜର ନିରୁପମା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ନାଚ, ରଙ୍ଗୋଲି, ଚିତ୍ରାଙ୍କନ, ଚିତାକଟା ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ସୁପରଭାଇଜର, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ।

## ବରିଷ୍ଠ ସାମ୍ବାଦିକଙ୍କ ପରଲୋକ



ତେଲକୋଇ, ୧୮।୨(ସମିସ): ତେଲକୋଇ ବ୍ଲକରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ରଣଜିତ ବିଶ୍ୱାଳଙ୍କ ୬୨ ବର୍ଷରେ ପରଲୋକ ଘଟିଛି। ଶ୍ରୀ ବିଶ୍ୱାଳ କିଛି ଦିନ ହେବ ଯକୃତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ପୂର୍ବାହ୍ନ ସମୟରେ ପରଲୋକ ଘଟିଛି। ଶ୍ରୀ ବିଶ୍ୱାଳ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ବିଭିନ୍ନ ପୁରସ୍କାର ସାଉଁଟିଥିବା ବେଳେ ତେଲକୋଇ ପ୍ରେସ କ୍ଲବର୍ ସଭାପତି କାର୍ଯ୍ୟ ତୁଲାଇଥିଲେ। ଜଣେ ଆଗଧାଡ଼ିର ଫୁଟବଲ ଓ ଭଲିବଲ୍ ଖେଳାଳି ଥିଲେ। ବୟସ ବଢିବା ପରେ ବିଭିନ୍ନ ଅଞ୍ଚଳର ଫୁଟବଲ୍ ଓ ଭଲି ଖେଳରେ ରେଫରୀ କାର୍ଯ୍ୟ ନିର୍ବାହ କରୁଥିଲେ। ସମଗ୍ର ତେଲକୋଇ ଅଞ୍ଚଳ ସମେତ କେନ୍ଦୁଝର ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ଶ୍ରୀ ବିଶ୍ୱାଳଙ୍କ ମୃତ୍ୟୁ ବେଳକୁ ତାଙ୍କର ଧର୍ମପତ୍ନୀ, ପୁଅ, ଝିଅ, ଜ୍ୱାଇଁ ଏବଂ ଆତ୍ମୀୟ ସ୍ୱଜନ ପାଖରେ ଥିଲେ। ଶ୍ରୀ ବିଶ୍ୱାଳଙ୍କ ପାର୍ଥିବ ଶରୀର ତେଲକୋଇସ୍ଥିତ ବାସଭବନକୁ ଅଣାଯିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସୂଚନା ରହିଛି।

## ପୁଲିସ-ସାମ୍ବାଦିକ ସମନ୍ୱୟ ବୈଠକ



**ସୋସୋ, ୧୮।୨(ସମିସ):** ହାଟଡିହି ବ୍ଲକ ନନ୍ଦିପଦା ଥାନାରେ ପୁଲିସ ଓ ସାମ୍ବାଦିକଙ୍କ ମଧ୍ୟରେ ସୁସମ୍ପର୍କ ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ରବିନ୍ଦ୍ର ପାତ୍ର, ଆଇପିଏସ ଅଧିକାରୀ ରାକେଶ ସାହୁ ଉପସ୍ଥିତ ଥିଲେ। ପୁଲିସ ସାମ୍ବାଦିକଙ୍କ ମଧ୍ୟରେ ସୁସମ୍ପର୍କ ରହିଥିଲେ ଘଟଣାର ସତ୍ୟତା ମିଳି ପାରିବ ତାଛଡା ବିଭିନ୍ନ ଘଟଣା ସମ୍ପର୍କରେ ସୁରାକ ମିଳି ପାରିବ ବୋଲି କହିଥିଲେ। ବିଭିନ୍ନ ଛକ ତଥା ଛେନାପଦି, ହାଟଡିହି, ମରିଗା, ଶାଳଣିଆ ଆଦି ଜନବହୁଳ ଛକରେ ସିସି କ୍ୟାମେରା ଲଗାଯାଇ ଅପରାଧୀଙ୍କୁ ଧରିବାରେ ସହାୟକ ହୋଇପାରନ୍ତା ବୋଲି ସାମ୍ବାଦିକ ଗୋପାଳ ରାଉତ କହିଥିଲେ। ଚୋରା ଚାଲାଣ, ଓଭରଲୋଡିଂ ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବା ଦିଗରେ ଉପାୟ ମାନ ଆଲୋଚନାର ବିଷୟବସ୍ତୁ ରହିଥିଲା। ସାମ୍ବାଦିକ କିଶୋର ଆଚାର୍ଯ୍ୟ, ଦେବବ୍ରତ ବେହେରା, ବିଭୂତି ଜେନା, ବିକାଶ ବିଶ୍ୱାଳ, ପାର୍ଥସାରଥୀ ସା, ସଞ୍ଜୀବ ମହାନ୍ତି, ପଙ୍କଜ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ସୋସୋ, ୧୮।୨(ସମିସ):** ହାଟଡିହି ବ୍ଲକର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କାଙ୍ଗାଳି ବିହାର ମତାବାଜର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗୈରାଙ୍ଗ ଚରଣ ସେନାପତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ହାଟଡିହି ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ, ସରପଞ୍ଚ ଅନ୍ତର୍ଯ୍ୟାମୀ ଖଣ୍ଡେଇ, ସରପଞ୍ଚ ଜଗବନ୍ଧୁ କାଣ୍ଡି, ମୁଖ୍ୟବକ୍ତା ଭାବେ ଶ୍ରୀକାନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ଶ୍ରୀକାନ୍ତ ସେନାପତି ଅତିଥିଙ୍କ ପରିଚୟପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ବସନ୍ତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ସମିତି ଉପସଭାପତି ଜଗତଜୀବନ ପାଢୀ, ସହସମ୍ପାଦକ ଗଦାଧର ନନ୍ଦ, କୋଷାଧ୍ୟକ୍ଷ ବିଜୟ ସା, ଜୟନ୍ତୀ ସ୍ୱାଇଁ, ସସ୍ମିତା ସେଠୀ ଯୋଗ ଦେଇଥିଲେ। ଗୁରୁଜୀଗୁରୁମା ପ୍ରସନ୍ନ ଶଙ୍ଖୁଆ, ସୁବାସ ଦଳେଇ, ଦ୍ୱାରିକାନାଥ ଷଡଙ୍ଗୀ, ଜ୍ୟୋତିର୍ମୟୀ ବେହେରା, ପ୍ରତିମା ରାଉତ, ସସ୍ମିତା ପଣ୍ଡା ସହଯୋଗ କରିଥିଲେ।

# ପ୍ରଶାସନ ଉଦାସୀନ; ଅଙ୍ଗନବାଡ଼ି ଭିତ୍ତିଭୂମି ଦୁର୍ବଳ

ସୋସୋ, ୧୮।୨(ସମିସ)



ବିଭିନ୍ନ ଅଙ୍ଗନବାଡ଼ିର ନୂତନ ଗୃହ ପାଇଁ ଡିଏମଏଫ ଯୋଜନାରୁ ଅନୁଦାନ ଯୋଗାଇ ଦିଆଯାଇ ଜିଲ୍ଲା ପ୍ରଶାସନ ପ୍ରଶଂସା ସାଉଁଟୁଥିବା ବେଳେ ବହୁ କେନ୍ଦ୍ରର ଗୃହ ନଥିବାରୁ ସ୍କୁଲ ବାରଣ୍ଡା, କ୍ଲବ ଘର ଓ ନିଜ ଘରେ କେନ୍ଦ୍ର ଚାଲିଛି। ଯାହା କି ଏବେ ବ୍ଲକର ବହୁ କେନ୍ଦ୍ରର ଘର ନଥିବାରୁ ପ୍ରଶାସନର ଦକ୍ଷତା ଉପରେ ପ୍ରଶ୍ନ ଉଠୁଛି। ଏ ଦିଗରେ ତତ୍ପରତା କିମ୍ବା ଆନ୍ତରିକତା ଅଭାବରୁ ବିଭିନ୍ନ ସ୍ଥାନରେ ଶିଶୁଙ୍କ ପ୍ରାକ୍‌ଶିକ୍ଷା ଭିତ୍ତିଭୂମି ବ୍ଲକ୍ ଅଞ୍ଚଳରେ ଦୁର୍ବଳ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏପରି ଅବସ୍ଥା ଥିବା ବେଳେ ରାଜ୍ୟର ଅନ୍ୟ ସ୍ଥାନରେ କୋମଳମତି ଶିଶୁଙ୍କ ଶିକ୍ଷାଦାନରେ କିପରି ଭାବେ ସୁରକ୍ଷା ପ୍ରସଂଗକୁ ଗୁରୁତ୍ୱ ଦିଆଯାଉଛି ତାହା ସହଜରେ ଅନୁମାନ କରାଯାଇପାରେ।

ଧନୁର୍ଜୟପୁର ପଞ୍ଚାୟତ ସଦର ଗ୍ରାମର ଅଙ୍ଗନବାଡି କେନ୍ଦ୍ର ନାହିଁ। ଏକ କ୍ଲବ ଘରେ କେନ୍ଦ୍ର ଚାଲିଛି। ସେହିପରି ଜଡାବାଙ୍କ, କୁଶଟିକିରି, ଶିଆଡିମାଳି, ଅନ୍ଧାରି, ମରଚାଇପଦା, କାନପୁର, ସୋସୋ(୨), ନୁଆଗୁଡି, ଫୁଲଝର, ହରଡବାଡି, ଝୁଣପଶି, ଭଅଁରା, କେ.ବାଲିପାଳ, ସରମୁଣ୍ଡି ଆଦି ବହୁ କେନ୍ଦ୍ରରେ ନିଜସ୍ୱ ଗୃହ ନଥିବାରୁ ବିଦ୍ୟାଳୟ ବାରଣ୍ଡା ଓ ଅସୁରକ୍ଷିତ ଗୃହରେ ଚାଲିଛି। ଅନ୍ୟପକ୍ଷରେ ଗୃହ ପାଇ ଅନୁଦାନ ଯୋଗାଇ ଦିଆଗଲେ ମଧ୍ୟ ତାହା ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେଉନାହିଁ। ଆଉ କିଛି ସ୍ଥାନରେ ରାଜନୈତିକ ଛକାପଞ୍ଝା ସହ ଅନ୍ୟାନ୍ୟ କିଛି ବିଷୟ ପାଇଁ ଯୋଜନା ବିଫଳ ହେଉଛି। ପୁଣି ଦେଖାଯାଇଛି ଯେ ବ୍ଲକ ଅଧିକାରୀ ଅଳ୍ପ ଦିନରେ ବଦଳି ହୋଇଯାଉଛନ୍ତି। ଏସବୁ ପ୍ରସଂଗ ନେଇ ସୁପରଭାଇଜର ରେଣୁବାଳ ଜେନା କହିଛନ୍ତି, ଧନୁର୍ଜୟପୁର, କେ.ବାଲିପାଳ ଓ ହଦଗଡ଼ ଆଦିବାସୀ ପଞ୍ଚାୟତରେ ବହୁ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଧନୁର୍ଜୟପୁର ଅଙ୍ଗନବାଡିଟି ଏକ କ୍ଲବ ଘରେ ଚାଲିଥିବାବେଳେ ସିଆଡିମାଳିର ଏକ ଟିଣ ଛପର ଗୃହରେ ଚାଲିଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ପଚାରିବାରୁ ବ୍ଲକରେ ମୋଟ ୨୧୯ଟି କେନ୍ଦ୍ର ଥିବାବେଳେ ସେଥିମଧ୍ୟରୁ ୧୨୯ଟି ନିଜସ୍ୱ ଗୃହ ଥିବା ପ୍ରକାଶ କରିଛନ୍ତି। କିଛି ସ୍ଥାନରେ ଗୃହ ସମ୍ପୂର୍ଣ୍ଣ ହୋଇଥିଲେ ବି ହସ୍ତାନ୍ତର ହୋଇନାହିଁ। ଆଉ କିଛି ସ୍ଥାନରେ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିଛି। କିଛି ସ୍ଥାନରେ ଅନୁଦାନ ଥିଲେ ବି କାର୍ଯ୍ୟ ହେଉନାହିଁ।

## ଅସଜଡ଼ା ବ୍ୟବସ୍ଥା ସହ ଶିକ୍ଷକ ସମସ୍ୟା ସୁଧାରିବାକୁ ଦାବି



**ରାମଚନ୍ଦ୍ରପୁର/ଆନନ୍ଦପୁର, ୧୮।୨(ସମିସ):** କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକରେ ନବନିଯୁକ୍ତ ବିଇଓ ସଦ୍ୟସ୍ନାନ୍ ପଣ୍ଡାଙ୍କୁ ଶିକ୍ଷକ ସଂଘ ସଭାପତି ଗୋବର୍ଦ୍ଧନ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ବ୍ଲକ୍ ଅଧୀନରେ ରହିଥିବା ବିଭିନ୍ନ ସ୍କୁଲରେ ଅବ୍ୟବସ୍ଥା ଏବଂ ଶିକ୍ଷକ ସମସ୍ୟାକୁ ଦୂର କରିବା ନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଶେଷକରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତି ମାସକରେ ଥରେ ଅଭିଯୋଗ ଶୁଣାଣି କରି ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିବେ ବୋଲି ବିଇଓ ଶିକ୍ଷକଙ୍କୁ କହିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ ବିଇଓ। ଏହି ସମୟରେ ସଂଘର ସଂପାଦକ ମନ୍ମଥ ଘଡ଼େଇ, ଉପସଭାପତି ରଞ୍ଜନା ରଶ୍ମି ଘଡ଼େଇ, ଶଙ୍କର୍ଷଣ ପାଢ଼ୀ, ସହସମ୍ପାଦକ ଅଶୋକ ବରାଳ, ବଳଭଦ୍ର ଜେନା, ଚିତ୍ତରଞ୍ଜନ ନାୟକ, ସଂଯୋଜକ ରମେଶଚନ୍ଦ୍ର ଲେଙ୍କା, ଉପଦେଷ୍ଟା ନିରଞ୍ଜନ ପଣ୍ଡା, ମୃତ୍ୟୁଞ୍ଜୟ ବେହେରା, ଦୀପ୍ତିରଞ୍ଜନ ଜେନା, ନିରୋଦପ୍ରଭା ରାୟଙ୍କ ସହ ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତ ନାୟକ ଓ କାର୍ଯ୍ୟାଳୟର କର୍ମଚାରୀ, ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲା ସଭାପତି ଦିଲ୍ଲୀପ ରାଉତ, ଆନନ୍ଦପୁର ବ୍ଲକ୍ ସଭାପତି ଉମାକାନ୍ତ ଜେନା, ସଂପାଦକ ସୁରେଶଚନ୍ଦ୍ର ମହାନ୍ତି, କାର୍ଯ୍ୟକର୍ତ୍ତା ଦେବେନ୍ଦ୍ର ଦାଶ, କଳ୍ପତରୁ ନାଥ, ଆଦିକନ୍ଦ ସାହୁ, ସୁଦର୍ଶନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣା ଘଟାଇଥିବା ଟ୍ରେଲରରୁ ୩୪ ଗୋରୁ ଉଦ୍ଧାର





**ତୁରୁମୁଙ୍ଗା, ୧୮।୨(ସମିସ):** ୪୯ ନଂ ଜାତୀୟ ରାଜପଥ ଅନ୍ତର୍ଗତ ତୁରୁମୁଙ୍ଗା ନିକଟରେ ଏକ ଟ୍ରେଲର ବାଇକକୁ ଧକ୍କା ଦେଇ ଡିଭାଇଡରକୁ ଚଢ଼ି ଯାଇଥିଲା। ଦୁର୍ଘଟଣାରେ ବାଇକ ଅରୋହୀ ଗୁରୁତର ହୋଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜବତ କରି ତୁରୁମୁଙ୍ଗା ପୁଲିସ ତଦନ୍ତ କରୁଥିବା ସମୟରେ ଟ୍ରେଲର ଭିତରୁ ୩୪ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଡ୍ରାଇଭର ସମେତ ୩ ଗୋ-ଚାଲାଣକାରୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ଏମ୍ ଡି ମହମ୍ମଦ (୨୭), ପଞ୍ଜାବର ରଣବୀର ସିଂ (୪୫) ଓ ଜସମେଲ ସିଂ (୩୫)। ଗୋରୁଗୁଡିକୁ ଅତି ଦୟନୀୟ ଅବସ୍ଥାରେ ଗାଡିରେ ଆଳୁ ବସ୍ତା ପରି ଗୋ ମାଫିଆ ଚାଲାଣ କରୁଥିଲେ। ଗାଡି ଭିତରେ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ବେଳେ ପଶୁ ଚିକିତ୍ସକଙ୍କ ଦ୍ୱାରା ଅନ୍ୟ ଗୋରୁଙ୍କୁ ପ୍ରାଥମିକ ଚିକିତ୍ସା ପରେ କାଠ କରଞ୍ଜିଆ ଗୋଶାଳାକୁ ପଠାଯିବ ବୋଲି ପୁଲିସ କହିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ରସାନନ୍ଦ ନାଏକ ସୂଚନା ଦେଇଛନ୍ତି।

## ସମାଜ ଗଠନରେ ବରିଷ୍ଠ ନାଗରିକମାନେ କର୍ଣ୍ଣଧାର



**ହାଟଡ଼ିହୀ, ୧୮।୨(ସମିସ):** ମଙ୍ଗଳବାର ନନ୍ଦିପଦା ଥାନା ଆଇପିଏସ ଅଧିକାରୀ ରାକେଶ କୁମାର ସାହୁଙ୍କ ସଂଯୋଜନାରେ ହାଟଡ଼ିହୀ ବ୍ଲକ ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକର୍ତ୍ତାଙ୍କୁ ନେଇହାଟଡ଼ିହୀ ହାଇସ୍କୁଲଠାରେ ଆୟୋଜିତ ବୈଠକରେ ସମ୍ପ୍ରତି ସମାଜରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକମାନେ ସମାଜର ମୁଖ୍ୟ କର୍ଣ୍ଣଧାର ବୋଲି ଆଇପିଏସ ଅଧିକାରୀ ଶ୍ରୀ ସାହୁ କହିଥିଲେ। ନନ୍ଦିପଦା ଥାନା ଇନସ୍ପେକ୍ଟର ରବିନ୍ଦ୍ର ପାତ୍ର, ନାଗରିକ ପରିଷଦର ସଭାପତି ଗୋଲକଚନ୍ଦ୍ର ନାୟକ, ସମ୍ପାଦକ ସାରଙ୍ଗଧର ଜେନା, କାମପାଳ ନାୟକ, ଗଣନାଥ ନାୟକ, ମୋହନ ଚରଣ ବେହେରା, ନିରାକାର ପାତ୍ର, ଜୟନାରାୟଣ ମହାପାତ୍ର, ମଧୁସୂଦନ ଜେନା, ରକ୍ଷାକର ନାୟକ, କୃଷ୍ଣଚନ୍ଦ୍ର ଜେନା, ଅନାଦି ଚରଣ ପହି, ସନାତନ ଜେନା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ନାଗରିକ ପରିଷଦର ଅନନ୍ତ ଚରଣ ମୁଦୁଲି ବରିଷ୍ଠ ନାଗରିକ ଜୀବନକୁ ନେଇ ନିଜର କବିତା ମାଧ୍ୟମରେ ଆଲୋକପାତ କରିଥିଲେ।

## ଆଦିବାସୀ ପିଲାଙ୍କ ମୁହଁରେ ହସ ଫୁଟାଇଲା ସାମାଜିକ ସଂଗଠନ



ରାମଚନ୍ଦ୍ରପୁର, ୧୮।୨(ସମିସ): ଯୁବ ସମାଜସେବୀ ଦୀପକ ଭୂୟାଁଙ୍କ ସଂଯୋଜନାରେ ବସନ୍ତମଞ୍ଜରୀ ଫାଉଣ୍ଡେସନର ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ଗଁପୁର ପଞ୍ଚାୟତ ନୂହାମାଳିଆ ମୁକ୍ତାଝର ସାହିର ଗରିବ ଆଦିବାସୀ ପିଲାଙ୍କୁ ଏକତ୍ରିତ କରି ସେମାନଙ୍କ ଗହଣରେ ଆଦିବାସୀ ନୃତ୍ୟଗୀତର ତାଳେତାଳେ ଭାବର ଆଦାନପ୍ରଦାନ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କୁସଂସ୍କାରରୁ ଦୂରରେ ରହି ଆଗକୁ ବଢିବାକୁ ଟ୍ରଷ୍ଟି ଡ. ରତିକାନ୍ତ ବରାଳ ମାର୍ଗଦର୍ଶନ କରିଥିଲେ। ଗରିବ ତଥା ଅନଗ୍ରସର ତଳେ ଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚତର ଶିକ୍ଷା ପାଇଁ ଅର୍ଥ ବାଧକ ନସାଜୁ, ଶିକ୍ଷା ତଥା ସ୍ୱାସ୍ଥ୍ୟ ପାଇଁ ଯଥାସମ୍ଭବ ଆର୍ଥିକ ସହାୟତା ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ବିଗତ ଦିନରେ କମ୍ବଳ ବଣ୍ଟନ କରିବା ସହ ଗରିବ ପିଲାଙ୍କୁ ପ୍ରଥମାଷ୍ଟମାରେ ପହଁଞ୍ଚ କରି ଆସିଛନ୍ତି। ଆଦିବାସୀ ପିଲାଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏଭଳି ଅଭିନବ କାର୍ଯ୍ୟକ୍ରମ କରିଥିବାରୁ ମୁକ୍ତାଝର ସାହିର ଅଗ୍ରଣୀ ଯୁବକ ସିମାଲ ମୁଣ୍ଡା, ଚନ୍ଦନ ବିରୁଆ, ମାଟା ମୁଣ୍ଡା, ବାହାଦୁର ମୁଣ୍ଡା, କହ୍ନେଇ ମୁଣ୍ଡା, ସୀମାଲ ବାରି, ରାମ ଚାତାର ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ଶତାଧିକ ଶିଶୁ, ଯୁବକ ଯୁବତୀ ତଥା ସାହିର ମୁରବୀ ସାମିଲ ହୋଇଥିଲେ।

### ହିଂସ୍ର ଭାଲୁ ଆକ୍ରମଣ ଘଟଣା

# ୪ ବର୍ଷ ପରେ ବି ସହାୟତା ଶୂନ୍; ଚୁପ୍ ବସିଛି ବନ ବିଭାଗ

ରାମଚନ୍ଦ୍ରପୁର, ୧୮।୨(ସମିସ)

ଜଙ୍ଗଲୀ ଭାଲୁ ସହ ଲଢିଲେ, ଲହୁଲୁହାଣ ହେଲେ। ଶେଷରେ ଗୁରୁତର ଆହତ ହୋଇ ବର୍ତ୍ତମାନ ଚିକିତ୍ସା ପରେ ମଧ୍ୟ ଅକର୍ମଣ୍ୟ ହୋଇ ପଡ଼ି ରହିଛନ୍ତି ଗୋଲଖ ବେହେରା (୬୬)। ତାଙ୍କ ବାମହାତ ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଛି। ଡାକ୍ତରଙ୍କ କହିବାନୁସାରେ, ବ୍ୟୟବହୁଳ ଅପରେସନ କରାଯାଇଥିଲେ ହୁଏତ ହାତ କାର୍ଯ୍ୟକ୍ଷମ ହୋଇଥାନ୍ତା। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ପୁରୁଣାବାନ୍ଧଗୋଡା ଗ୍ରାମରେ। ଗତ ୨୦୨୧ ମାର୍ଚ୍ଚ ୨୦ ତାରିଖରେ ଏକ ହିଂସ୍ର ଭାଲୁ ସ୍ଥାନୀୟ ବରାଙ୍ଗ ସଂରକ୍ଷିତ ଜଙ୍ଗଲରୁ ବାହାରି ସକାଳୁ ପୁରୁଣାବାନ୍ଧଗୋଡା ଗ୍ରାମ ଭିତରକୁ ପଶିଥିଲା। ଧାଁଦୌଡ଼ କରିବା ସହ ଯାହାକୁ ପାଇଲା କାମୁଡିଥିଲା। ଏପରିକି ବନବିଭାଗ କର୍ମଚାରୀଙ୍କ ଏକ ବାଇକ ସମେତ ଅନ୍ୟ ଏକ ବାଇକକୁ ମଧ କାମୁଡି ଖଣ୍ଡିଆ ଖାବରା କରି ପକାଇଥିଲା। ଭାଲୁକୁ ଘଉଡାଇବାକୁ ଯାଇ ଆକ୍ରମଣରେ ସୁଧାଂଶୁ ପଟ୍ଟନାୟକ (୪୫) ଏବଂ ଗୋଲଖ ବେହେରା (୬୬) ମୁହାଁମୁହିଁ ହୋଇ ଗୁରୁତର ଆହତ ହୋଇ କଟକ ବଡଡାକ୍ତରଖାନାରେ ଭର୍ତ୍ତି ହେଲେ। ସେପଟେ ହିଂସ୍ର ଭାଲୁଟିକୁ ଜାଲ ସାହାଯ୍ୟରେ କାବୁ କରି ବନ ବିଭାଗର କର୍ମଚାରୀ ହଦଗଡ ହସ୍ତି ଅଭୟାରଣ୍ୟରେ ଛାଡିଥିଲେ। ଘଟଣାକୁ ଆଜକୁ ୪ବର୍ଷ ବିତିବାକୁ ବସିଥିଲେ ବି ବନବିଭାଗ ତରଫରୁ ଟଙ୍କାଟିଏ ବି ଆର୍ଥିକ ସାହାଯ୍ୟ ଗୁରୁତର ଆହତ ହୋଇଥିବା ଗୋଲଖଙ୍କୁ ମିଳିପାରିନାହିଁ। ପର ଘରେ ମୂଲମଜୁରୀ କରି ନିଜ ଗୁଜୁରାଣ ମେଣ୍ଟାଉଥିବା ଗୋଲଖ ବେହେରା ଏବେ ପଙ୍ଗୁ ଅକର୍ମଣ୍ୟ ସଦୃଶ ହୋଇ କାମଧନ୍ଦା କରି ନପାରି ଭାଗ୍ୟକୁ ଆଦରି ଘରେ ବସି ରହିଛନ୍ତି। ବନ୍ୟପ୍ରାଣୀ ନିୟମ ଅନୁସାରେ, ହିଂସ୍ର ବନ୍ୟପ୍ରାଣୀ ଆକର୍ମଣରେ ଆହତ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବନବିଭାଗ ବହନ କରିବା ସହ ଆର୍ଥିକ ସହାୟତା ଯୋଗାଇଦେବା ବ୍ୟବସ୍ଥା ରହିଛି। ଏଠି ଚୁପ ବସିଛି ବନବିଭାଗ। ଗୋଲଖଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବା ସହ କର୍ମସଂସ୍ଥାନ ଯୋଗାଇ ଦେବାକୁ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କଠାରେ ଗୁହାରି ଜଣାଇଛନ୍ତି।

**ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗୋଲଖଙ୍କ ନିବେଦନ**



## ଜରାଜୀର୍ଣ୍ଣ ଅବସ୍ଥାରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା



**ତେଲକୋଇ, ୧୮।୨(ସମିସ):** ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ରହିଛି ଏକ ଡାକ ବଙ୍ଗଳା। ଏହି ଡାକ ବଙ୍ଗଳାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ତେଲକୋଇ ନିର୍ବାଚନମଣ୍ଡଳୀରେ ଆଜକୁ ବହୁ ସାଂସଦ ଓ ବିଧାୟକ ନିର୍ବାଚିତ ହୋଇଆସୁଥିଲେ ହେଁ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଉପରେ ନଜିର ନଥିବା ପରିତାପର ବିଷୟ ହୋଇଛି। ସେହିପରି ପ୍ରଶାସନିକ ସ୍ତରରେ ମଧ୍ୟ ବହୁ ଅବହେଳା ଯୋଗୁଁ ଡାକ ବଙ୍ଗଳାଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଉକ୍ତ ଡାକ ବଙ୍ଗଳାରେ ମାତ୍ର ୨ଟି ସୁଇଟ ରହିଥିବା ବେଳେ ଦୈନନ୍ଦିନ ବହୁ ଭିଆଇପି ଏଠାକୁ ଆସିଥାନ୍ତି। ସେହିପରି ଡାକ ବଙ୍ଗଳାର ପରିବେଶ ଅବସ୍ଥା ନ କହିବା ଭଲ। ସୌନ୍ଦର୍ଯ୍ୟକରଣର ଅବହେଳିତ ପାଇଁ ପରିବେଶ ସଂପୂର୍ଣ୍ଣ କ୍ଷୁଣ୍ଣ ହୋଇ ପଡ଼ିଛି। ଡାକ ବଙ୍ଗଳା ଚତୁପାର୍ଶ୍ୱରେ ଅବସ୍ଥା କଚଡା ହୋଇ ପଡ଼ି ରହିଥିବା ବେଳେ ଅନାବନା ଗଛରେ ଭରପୂର ପରିସର। ନେତାଠାରୁ ଆରମ୍ଭ କରି କୁଜି ନେତାମାନେ ଏଠାରେ ଭିଡ଼ ଜମାଇ ଆସୁଥିବା ବେଳେ ଏଥିପ୍ରତି କେହି ଧ୍ୟାନ ଦେଉ ନ ଥିବା ବରିଷ୍ଠ ନାଗରିକମାନେ ମତ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ଡାକ ବଙ୍ଗଳାର ଉନ୍ନତି ନିମନ୍ତେ ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

